


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008




କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ


୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୫ ● ୨୨ ଅପ୍ରେଲ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-85 ● 22nd April 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରୁଛି ଭାରତ: ମୋଦି

ନୂଆଦିଲ୍ଲୀ, ୨୧।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି, ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ତଥା ଏହାର ସାଂସ୍କୃତିକ ଭାବମୂର୍ତ୍ତି ମଧ୍ୟ ଭାରତ ସତ୍ୟ ଏବଂ ଅହିଂସା ମନ୍ତ୍ର ଉପସ୍ଥାପନ କରୁଛି। ପ୍ରଭୁ ମହାବୀରଙ୍କ ୨୫୫୦ ତମ ନିର୍ବାଣ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ପୂର୍ବ ୟୁପିଏ ସରକାରରେ ଏକ ଅନୁଧ୍ୟାନ କରି କହିଛନ୍ତି। ୨୦୧୪ରେ କ୍ଷମତାକୁ ଆସିବା ପରେ ତାଙ୍କ ସରକାର ଚେଷ୍ଟା କରିଥିଲେ ଐତିହ୍ୟ ସହିତ ଶାରୀରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ । ଯେତେବେଳେ ଦେଶ ନିରାଶରେ ବୁଡି ରହିଥିଲା। ଲୋକସଭା ନିର୍ବାଚନ ସମ୍ପର୍କରେ ସେ କହିଛନ୍ତି, ଗଣତନ୍ତ୍ରର ଏକ ବଡ଼ ଉତ୍ସବ ଚାଲିଛି ଏବଂ ଦେଶ ବିଶ୍ୱାସ କରେ ଯେ, ଭବିଷ୍ୟତର ଏକ ନୂତନ ଯାତ୍ରା ମଧ୍ୟ ଏଠାରୁ ଆରମ୍ଭ ହେବ।



ତାଙ୍କ ସରକାର ଯୋଗ ଏବଂ ଆୟୁର୍ବେଦ ପରି ଭାରତୀୟ ଐତିହ୍ୟର ପ୍ରୋତ୍ସାହନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ନୂତନ ପିଢ଼ି ବର୍ତ୍ତମାନ ବିଶ୍ୱାସ କରୁଛନ୍ତି ଯେ, ଆତ୍ମ ସମ୍ମାନ ସେମାନଙ୍କ ପରିଚୟ। ଭାରତ ବର୍ତ୍ତମାନ ବିଶ୍ୱ ସମସ୍ୟାର ସମାଧାନ ଭାବରେ ବିଶ୍ୱସ୍ତରରେ ସତ୍ୟ ଏବଂ ଅହିଂସା ମନ୍ତ୍ର ଉପସ୍ଥାପନ କରୁଛି।

ଭାରତ ଶାନ୍ତି ପାଇଁ ରାସ୍ତା ଦେଖାଇବ ଏବଂ ଏହାର କାରଣ ଦେଶର ବଢୁଥିବା ଶକ୍ତି ଏବଂ ବୈଦେଶିକ ନୀତି ବୋଲି କୁହାଯାଉଛି, କିନ୍ତୁ ଏଥିରେ ସାଂସ୍କୃତିକ ଭାବମୂର୍ତ୍ତି ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେ କହିଛନ୍ତି, ସାଧୁସନ୍ଥମାନେ ପଦ୍ମ ସହିତ ଜଡ଼ିତ ଅଟନ୍ତି, ଯାହା ପବିତ୍ର ସମାରୋହରେ ବ୍ୟବହୃତ ହୁଏ ଏବଂ ଏହି ଫୁଲ ମଧ୍ୟ ଭାଜପାର ନିର୍ବାଚନ ପ୍ରତୀକ । ସେ କହିଛନ୍ତି, ଦେଶ ସ୍ୱାଧୀନତାର ଶତବାର୍ଷିକୀକୁ ସୁବର୍ଣ୍ଣ ଶତାବ୍ଦୀ କରିବା ଦିଗରେ କାର୍ଯ୍ୟ କରୁଛି।

# ୪୦ ଡିଗ୍ରୀ ଉପରେ ରାଜ୍ୟର ୩୦ ସହର: ବାରିପଦାରେ ପାରା ଛୁଇଁଲା ୪୪.୬ ଡିଗ୍ରୀ

ଭୁବନେଶ୍ୱର, ୨୧।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଶନିବାର ତୁଳନାରେ ଗ୍ରୀଷ୍ମ ପ୍ରବାହ ସାମାନ୍ୟ ହ୍ରାସ ପାଇଛି । ଶନିବାର ବୌଦ୍ଧ ଓ ବାରିପଦା ଦେଶର ସବୁଠାରୁ ଉତ୍ତପ୍ତ ସହର ଥିବା ବେଳେ ରବିବାର ପାଗରେ ସାମାନ୍ୟ ପରିବର୍ତ୍ତନ କାରଣରୁ ଖରା କମିଛି। ବାରିପଦାରେ ରବିବାର ତାପମାତ୍ରା ସର୍ବାଧିକ ୪୪.୬ ଡିଗ୍ରୀ ରେକର୍ଡ କରାଯାଇଛି । ରାଜ୍ୟର ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଅନୁଭୂତ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରବିବାର ନୂଆପଡ଼ାରେ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ତାଳଚେରରେ ୪୩.୮, ଝାରସୁଗୁଡ଼ା ଓ କେନ୍ଦୁଝରରେ ୪୩.୬, ଅନୁଗୁଳରେ ୪୩.୩, ବଲାଙ୍ଗୀରରେ ୪୩.୨, ସୁନ୍ଦରଗଡ଼ ଓ ବୌଦ୍ଧରେ ୪୩, କଟକ ଓ ଭୁବନେଶ୍ୱରରେ ୪୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ଆଞ୍ଚଳିକ ପାଣିପାଗ ବିଭାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ଦାସ କହିଛନ୍ତି, ପାଣିପାଗ ବିଭାଗ ରାଜ୍ୟରେ ଭୀଷଣ ଗ୍ରୀଷ୍ମ



ପ୍ରବାହ ବା ସିଭିୟର ହିଟ୍ ୱେଭ ଜାରି ରହିଛି। ଆସନ୍ତା ୨୪ ଘଣ୍ଟାର ସିଭିୟର ହିଟ୍ ୱେଭ ପାଇଁ ଜିଲ୍ଲା ମୟୁରଭଞ୍ଜ, କେନ୍ଦୁଝର, ବୌଦ୍ଧ, ନୂଆପଡାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି ସୁନ୍ଦରଗଡ, ବରଗଡ଼, ଢେଙ୍କାନାଳ, ଯାଜପୁର, ଭଦ୍ରକ ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ଖୋର୍ଦ୍ଧା ଓ କଟକରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଉଷ୍ମ ଓ ଆର୍ଦ୍ର ସ୍ଥିତି ବି ଲାଗି ରହିବ। ବିଶେଷ କରି ଉପକୂଳ ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ଲାଗିରହିବ । ଏନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ୟେଲୋ ୱାର୍ଣ୍ଣିଂ ଜାରିକରିଛି ବିଭାଗ। ରାଜ୍ୟରେ କାଳବୈଶାଖୀ ବର୍ଷାର ସମ୍ଭାବନା ଥିବା ବେଳେ ତାତିରୁ କିଛି ମାତ୍ରାରେ ଅସ୍ୱସ୍ତି ମିଳିବ ବୋଲି କହିଛି ପାଣିପାଗ ବିଭାଗ। ଉତ୍ତର ଓଡ଼ିଶାରେ କାଳ ବୈଶାଖୀ ବର୍ଷା ହେବାର ଥିବା ବେଳେ ବିଜୁଳି ଓ ଘଡ଼ଘଡ଼ି ସହ (ପୃଷ୍ଠା ୭ରେ)

## ୨୫ରେ ଓଡ଼ିଶା ଆସୁଛନ୍ତି ଅମିତ ଶାହ



ନୂଆଦିଲ୍ଲୀ, ୨୧।୪

ଆସନ୍ତା ୨୫ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେଦିନ ସେ ସୋନପୁରରେ ଜନସଭାକୁ ସମ୍ବୋଧିତ କରିବେ। ସନ୍ଧ୍ୟା ବେଳେ ଭୁବନେଶ୍ୱରରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ବିଜେପି ଉପସଭାପତି ଗୋଲକ ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି, ଓଡ଼ିଶାରେ ବିଜେପି ମାଆ, ମାଟି ଓ ମାତୃଭାଷାକୁ ନେଇ ଲଢ଼େଇ ଆରମ୍ଭ କରିଛି । ଏହି ଲଢେଇର ଶୁଭାରମ୍ଭ ଆସନ୍ତା ୨୫ ତାରିଖ ଅପରାହ୍ନରେ ସୋନପୁର ମାଟିରୁ ଆରମ୍ଭ ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୫ ତାରିଖରେ ସୋନପୁରରୁ ଓଡ଼ିଶାରେ ନିର୍ବାଚନ ଲଢେଇର ବିଗୁଲ ବଜାଇବେ। ଦୁଇ ଦିନ ତଳେ ଦିଲ୍ଲୀରେ ଯେଉଁ କଥା କହିଥିଲେ, ସେହି (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କଡା ଆଇନ୍ : ଦେଶରେ ବିଦେଶୀଙ୍କ ଅଙ୍ଗ ପ୍ରତିରୋପଣର ଯାଞ୍ଚ ହେବ

ନୂଆଦିଲ୍ଲୀ, ୨୧।୪

ଭାରତକୁ ଆସୁଥିବା ଏବଂ ଅଙ୍ଗ ପ୍ରତିରୋପଣ କରୁଥିବା ସମସ୍ତ ବିଦେଶୀ ରୋଗୀଙ୍କର ତଥ୍ୟ ଯାଞ୍ଚ ହେବ। ରାଜ୍ୟମାନଙ୍କୁ ଦିଆଯାଇଥିବା ଆଦେଶରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ କହିଛନ୍ତି ଥୋଟା ଆକ୍ଟ ୧୯୯୪ ଅନୁଯାୟୀ, ଦାୟୀ ଏଜେନ୍ସିଗୁଡିକ ମାଧ୍ୟମରେ ଯେଉଁମାନେ ଭାରତ ଆସିଛନ୍ତି ଏବଂ ଅଙ୍ଗ ଦାନ କିମ୍ବା ଟ୍ରାନ୍ସପ୍ଲାଣ୍ଟ କରିଛନ୍ତି ସେମାନଙ୍କର ଟ୍ରାନ୍ସପ୍ଲାଣ୍ଟ ଅନୁସନ୍ଧାନ ସେହି ସମସ୍ତ ଡାକ୍ତରଖାନାରେ କରାଯିବା ଉଚିତ୍।

ନିର୍ଦ୍ଦେଶ ଅନୁଯାୟୀ, ଉଭୟ ଦାତା ଏବଂ ଅଙ୍ଗ ପ୍ରାପ୍ତକର୍ତ୍ତାଙ୍କ ଆଇଡିଗୁଡିକ ଅଙ୍ଗ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ଏଜେନ୍ସି ସହିତ ସେୟାର କରିବାକୁ ପଡିବ। ବର୍ତ୍ତମାନ ପର୍ଯ୍ୟନ୍ତ ମୃତ ଅଙ୍ଗଦାତାମାନଙ୍କଠାରୁ ପ୍ରାପ୍ତ ଅଙ୍ଗଗୁଡ଼ିକ କ୍ଷେତ୍ରରେ ଏହି ପ୍ରକ୍ରିୟା



ଚାଲିଛି, କିନ୍ତୁ ଜୀବନ୍ତ ଅଙ୍ଗ ଦାତାମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ବାଧ୍ୟତାମୂଳକ କରାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ଅତୁଲ ଗୋୟାଲ ସ୍ପଷ୍ଟ ଭାବରେ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟକୁ ନିଜ ନିଜ ଡାକ୍ତରଖାନାରେ ଅଙ୍ଗ ପ୍ରତିରୋପଣ ବିଷୟରେ ସୂଚନା ପ୍ରତି ମାସରେ ଦିଲ୍ଲୀକୁ ପଠାଇବାକୁ ପଡିବ, ଯାହାଫଳରେ ସରକାର ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟର ସମୀକ୍ଷା କରିପାରିବେ। (ପୃଷ୍ଠା ୭ରେ)

# ଏପ୍ରିଲ ୨୫ ତାରିଖରୁ ଖରା ଛୁଟି, ଆଜିଠୁ ୨୪ ତାରିଖ ଯାଏ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୧।୪
ନ୍ୟୁଜ୍ ବ୍ୟୁରୋ

ଏପ୍ରିଲ ୨୫ରୁ ଖରା ଛୁଟି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏଥି ସହିତ ଏପ୍ରିଲ ୨୨ ଅର୍ଥାତ ସୋମବାରଠୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ। ଏହାପରେ ଏପ୍ରିଲ ୨୫ ତାରିଖ ଠାରୁ ଗ୍ରୀଷ୍ମ ଛୁଟି ପାଇଁ ସରକାର ଘୋଷଣା କରିଛନ୍ତି।

ଅନ୍ୟପଟେ ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ



ମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଏହା ପୂର୍ବରୁ ମଧ୍ୟ ପ୍ରବଳ ଖରା ଯୋଗୁଁ ସମସ୍ତ ସ୍କୁଲ ପାଇଁ ଏପ୍ରିଲ ୧୮ରୁ ୨୦ ଯାଏଁ ଛୁଟି ଘୋଷଣା କରିଥିଲେ। ସୋମବାରଠୁ ସ୍କୁଲ ଖୋଲିବ। ହେଲେ ପାଣିପାଗ ବିଭାଗ ପୁଣିଥରେ ଏପ୍ରିଲ ୨୫ରୁ ପ୍ରବଳ ଖରା ନେଇ ଦର୍ଶାଇବା ପରେ ସରକାର ସ୍କୁଲ ଛୁଟି ନେଇ ଘୋଷଣା କରିଛନ୍ତି।

# ୫ ବର୍ଷରେ ଅମିତ ଶାହଙ୍କର ଦୁଇଗୁଣା ହେଲା ସମ୍ପତ୍ତି

ନୂଆଦିଲ୍ଲୀ, ୨୧।୪

କେନ୍ଦ୍ର ଗୃହମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟି (ଭାଜପା)ର ବରିଷ୍ଠ ନେତା ଅମିତ ଶାହ ଏପ୍ରିଲ ୧୯ ରେ ଗାନ୍ଧିନଗର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ସମୟରେ ଅମିତ ଶାହ ଦାଖଲ କରିଥିବା ଆଫିଡେଭିଟ୍ ଅନୁଯାୟୀ ଶାହ ଏବଂ ତାଙ୍କ ପତ୍ନୀଙ୍କ ସମ୍ପତ୍ତି ୬୫.୬୭ କୋଟି ଟଙ୍କା ରହିଛି।

ଉଲ୍ଲେଖଯୋଗ୍ୟ, ୨୦୧୯ ଲୋକସଭା ନିର୍ବାଚନ ସମୟରେ ଏହା ୩୦.୪୯ କୋଟିରୁ ଯାହା ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଅର୍ଥାତ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି।

ଶାହଙ୍କର ଚଳନଶୀଳ ସମ୍ପତ୍ତି, ନଗଦ, ବ୍ୟାଙ୍କ ସଞ୍ଚୟ, ଜମା, ସୁନା, ରୂପା ଏବଂ ଉତ୍ତରାଧିକାରୀ ସମ୍ପତ୍ତି ସହିତ ୨୦.୨୩ କୋଟି ଟଙ୍କା ରହିଛି । ଏଥିମଧ୍ୟରୁ ଶାହ ୧୭.୪୬ କୋଟିରୁ ଅଧିକ ମୂଲ୍ୟର ଅଂଶଧନ ଏବଂ ୭୨.୮୭ ଲକ୍ଷରୁ ଅଧିକ ମୂଲ୍ୟର ମୂଲ୍ୟବାନ ଧାତୁ ରଖିଛନ୍ତି । ତେବେ ତାଙ୍କ ଆଫିଡେଭିଟରେ କୌଣସି ଗାଡି ଥିବା ଦର୍ଶାଇ ନାହାନ୍ତି।

ଏହି ସମୟରେ ତାଙ୍କ ପତ୍ନୀ ସୋନାଲ ଶାହଙ୍କର ନଗଦ, ବ୍ୟାଙ୍କ ସଞ୍ଚୟ, ଷ୍ଟକ ନିବେଶ ଏବଂ ଜମା ସମେତ ୨୨.୪୬ କୋଟିରୁ ଅଧିକ ଚଳନ ସମ୍ପତ୍ତି ରହିଛି, ଯାହାର ମୂଲ୍ୟ ୧.୧୦ (ପୃଷ୍ଠା ୭ରେ)

# ଯେଉଁମାନେ ନିର୍ବାଚନରେ ଜିତିପାରିବେ ନାହିଁ, ସେମାନଙ୍କୁ ରାଜ୍ୟସଭା ମାଧ୍ୟମରେ ଜିତାଇ ଦିଆଯାଉଛି: ମୋଦି

ନୂଆଦିଲ୍ଲୀ, ୨୧।୪

ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ସମାପ୍ତ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅଭିଯାନ ଜୋରସୋରରେ ଚାଲିଛି । ଭାଜପାର ଷ୍ଟାର ପ୍ରଚାରକ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାଜସ୍ଥାନର ଜାଲୋରରେ ପହଞ୍ଚିଛନ୍ତି । ଏଠାରେ ସମ୍ବୋଧିତ କରିବାବେଳେ ସେ, କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ମନମୋହନ ସିଂଙ୍କୁ ଟାର୍ଗେଟ କରିଥିଲେ। ଯେଉଁମାନେ ନିର୍ବାଚନରେ ଜିତିପାରିବେ ନାହିଁ ସେମାନଙ୍କୁ ରାଜ୍ୟସଭା ମାଧ୍ୟମରେ ଜିତାଇ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିରୋଧୀ ଦଳ ତଥା କଂଗ୍ରେସର ଇଣ୍ଡିଆ ମିଳିତ ମେଣ୍ଟ ଉପରେ ଆକ୍ରମଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆପଣ ଉଦାର



ଭାବରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ରାଜସ୍ଥାନରୁ ରାଜ୍ୟସଭାକୁ ପଠାଇଥିଲେ, ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ, କିନ୍ତୁ ଆପଣ ତାଙ୍କୁ ରାଜସ୍ଥାନରେ ପୁଣି ଦେଖିଛନ୍ତି କି? ଯେଉଁମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ, ସେମାନେ ନିର୍ବାଚନ ଜିତିପାରିବେ ନାହିଁ ।

କଂଗ୍ରେସ ଉପରେ ଆକ୍ରମଣ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କଂଗ୍ରେସ ଶାସନ କାଳରେ ସରକାର ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ ହେଉଥିଲେ। ଆଜି ଦେଶର ଯୁବକମାନେ କଂଗ୍ରେସର ଚେହେରା ଦେଖିବାକୁ ଚାହାଁନ୍ତି ନାହିଁ । ଆଜି କଂଗ୍ରେସର ଅବସ୍ଥା ପାଇଁ ସେମାନେ ନିଜେ ଦୋଷୀ। ୬୦ ବର୍ଷ ଧରି ଶାସନ କରିଥିବା ଏବଂ ଥରେ ୪୦୦ଟି ଆସନ ଜିତିଥିବା ଦଳ ଆଜି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ ୩୦୦ଟି ଆସନ। ଆଜି କଂଗ୍ରେସ ପ୍ରାର୍ଥୀ ଖୋଜିବାରେ ସକ୍ଷମ ନୁହେଁ।

## ୨ ଜାପାନୀ ନୌସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୮ ମୃତ

ଟୋକିଓ, ୨୧।୪

ଜାପାନରେ ତାଲିମ ଅଭ୍ୟାସ ସମୟରେ ପ୍ରଶାନ୍ତ ମହାସାଗରରେ ଦୁଇଟି ନୌସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣା ସମ୍ପର୍କରେ ସୂଚନା ଦେଇ ଜାପାନର ପ୍ରତିରକ୍ଷା ମନ୍ତ୍ରୀ ମିନୋରୁ କିହାରା କହିଛନ୍ତି, ଶନିବାର ବିଳମ୍ବିତ ରାତିରେ ଟେରିସିମା ଦ୍ୱୀପ ନିକଟରେ ଦୁଇଟି ଏସ୍‌ଏଚ୍-୬୦-କେ ହେଲିକପ୍ଟର ଯୋଗାଯୋଗ ହରାଇଛନ୍ତି।

ପ୍ରତ୍ୟେକ ହେଲିକପ୍ଟରରେ ଚାରି ଜଣ ଲୋକ ଥିଲେ। ଆଠ ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ମୃତଦେହକୁ (ପୃଷ୍ଠା ୭ରେ)

## ଏକାଳ ସକାଳ



ଖରାର ପ୍ରକୋପ ଦାଉ ସାଧୁଛି
ଧରା ଉଠୁଥାଏ ଜଳି
ଡହଳବିକଳ ମଣିଷ ହେଉଛି
କରମ ଯାଇଛି ଫଳି
ଦେବ ସାଙ୍ଗେ କିମ୍ବା କଳି
ନିଜ ହସ୍ତେ ସବୁ ଛିନ୍‌ଭିନ୍ କରି
କାହିଁ ଶୁଖେ ଗଳା ନଳୀ??

# ଅନ୍‌ଲାଇନ ଗେମ୍ ଖେଳି ଛାତ୍ରଙ୍କ ଜୀବନ ଗଲା



ୱାଶିଂଟନ, ୨୧।୪

ଆମେରିକା କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ପଢୁଥିବା ଭାରତୀୟ ଛାତ୍ରଙ୍କ ପାଇଁ ଏକ ଗମ୍ଭୀର ତଥା ପ୍ରଥମ ଘଟଣା ଘଟିଛି। ଜଣେ ଛାତ୍ର ଅନ୍‌ଲାଇନ ଗେମ୍ ଖେଳି ନିଜ ଜୀବନ ହାରିଛନ୍ତି । ଏହା ପଛରେ କାରଣ ବ୍ଲୁ ହ୍ୱେଲ ଚ୍ୟାଲେଞ୍ଜ ନାମକ ଏକ ଭୟାବହ ଅନଲାଇନ ଗେମ୍ ବୋଲି କୁହାଯାଉଛି। ଏହା ଏକ ଆତ୍ମଘାତୀ ଖେଳ। ଏହାକୁ ସୁଇସାଇଡ ଗେମ୍ ମଧ୍ୟ କୁହାଯାଏ। ୨୦ ବର୍ଷୀୟ ଛାତ୍ର ମାସାଚ୍ୟୁଟ୍ସ ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷରେ ପଢୁଥିଲେ। ଗତ ମାର୍ଚ୍ଚ ୮ରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ରିଷ୍ଟଲ କାଉଣ୍ଟି ଜିଲ୍ଲା ଅଟର୍ନୀର ପ୍ରବକ୍ତା ଗ୍ରେଗ ମିଲିୟଟ କହିଛନ୍ତି, ଏହି ମାମଲାର ଯାଞ୍ଚରେ ସ୍ପଷ୍ଟ ହୋଇଛି ଯେ, ଛାତ୍ର ଜଣକ ଆତ୍ମହତ୍ୟା କରିଛନ୍ତି । ବ୍ଲୁ ହ୍ୱେଲ ଚ୍ୟାଲେଞ୍ଜ ଗେମ୍‌ର ପ୍ରତିଯୋଗୀଙ୍କୁ ପ୍ରଦର୍ଶନ କରିବା ପାଇଁ ସାହସ ଦିଆଯାଇଥାଏ। ଯିଏ କି ୫୦ ଲେବଲ ପାର ହେବା ପରେ ଅଧିକ କଷ୍ଟକର ହୋଇଥାଏ। ଭାରତ ସରକାର ବର୍ଷ ଆରମ୍ଭରୁ ଏହି ଗେମ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ମାତ୍ର ଏହା ଉପରେ ଅଧିକ ବିସ୍ତୃତ ବିଚାର କରାଗଲା। ଆଇଟି ମନ୍ତ୍ରଣାଳୟ ଏହି ଗେମ ଲଞ୍ଚ ହେବାର ବର୍ଷକ ପରେ ୨୦୧୭ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଏଥିରେ କୁହାଯାଇଥିଲା ଯେ, ବ୍ଲୁ ହ୍ୱେଲ ଗେମ୍ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଗେମ୍ । ତେଣୁ ଏଥିରୁ ଦୂରେଇ ରହିବା ଉଚିତ୍।

# ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଭିଯୋଗ, କେଜ୍ରିୱାଲଙ୍କୁ ବିନା ଚିକିତ୍ସାରେ ହତ୍ୟା କରିବାକୁ କେନ୍ଦ୍ର କରୁଛି ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୧।୪

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତିହାର ଜେଲ୍‌ରେ ଚିକିତ୍ସା ସେବା ନ ଯୋଗାଇ ହତ୍ୟା କରିବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଆମ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଅଭିଯୋଗ କରିଛନ୍ତି । କେଜ୍ରିୱାଲ ନିଜର ଚିକିତ୍ସା ପାଇଁ ମଧୁମେହ ରୋଗ ବିଶେଷଜ୍ଞଙ୍କ ନିକଟକୁ ନେବାକୁ ବାରମ୍ବାର ଅନୁରୋଧ କରୁଥିବା ବେଳେ ତାଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ନ ଥିବା ସୌରଭ କହିଛନ୍ତି।

ସୌରଭ ଏକ୍ସ(ପୂର୍ବରୁ ଟ୍ୱିଟର୍)ରେ ଏକ



ପୋଷ୍ଟ କରି କହିଛନ୍ତି ଯେ, କେଜ୍ରିୱାଲ ମଧୁମେହ ରୋଗରେ ପୀଡ଼ିତ। ତାଙ୍କୁ ଇନ୍‌ସୁଲିନ ଦେବା ପାଇଁ ମଧୁମେହ ବିଶେଷଜ୍ଞଙ୍କ ନିକଟକୁ ନେବାକୁ ବାରମ୍ବାର ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଆସୁଛନ୍ତି । କିନ୍ତୁ (ପୃଷ୍ଠା ୭ରେ)



# ଆଠଗଡ଼ରେ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ଶ୍ରୀରାମ ନବମୀ ଅବସରରେ ସ୍ଥାନୀୟ ରଘୁନାଥ ମନ୍ଦିର ଏବଂ ହନୁମାନ ମନ୍ଦିର ମାନଙ୍କରେ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ ତଥା ରାମ ନବମୀ ବେଶ୍ ଶ୍ରଦ୍ଧା ପୂର୍ବକ ପାଳିତ ହୋଇଯାଇଛି । ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହିତ ମନ୍ଦିର ଆସି ଶ୍ରୀ ରଘୁନାଥଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିବାର ଦେଖାଯାଇଥିଲା ଏବଂ ଦିନ ୪ ଘଟିକା ସମୟରେ ଆଠଗଡ଼ ହିନ୍ଦୁ ମହାସଂଘ ତରଫରୁ ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ବିରାଟ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ଶ୍ରୀରାମ ଭକ୍ତମାନେ ଦଳ ମତ ନିର୍ବିଶେଷରେ ବହୁ ସଂଖ୍ୟାରେ ଯୋଗଦାନ କରି ପ୍ରଭୁଙ୍କ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ କଲେ ଶୋଭାଯାତ୍ରାଟି ରଥଗଡ଼ା ଝୁଲଣ ପଡ଼ିଆରୁ ବାହାରି ଆଠଗଡ଼ର ସମସ୍ତ ୱାର୍ଡ ପରିକ୍ରମା କରି ଝୁଲଣ ପଡ଼ିଆରେ ସମାପ୍ତ କରାଗଲା । ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ । ତଥାଗତ ପଟ୍ଟନାୟକ, ବିକ୍ରମ ରାୟସାମନ୍ତ, ସମ୍ବିତ ଦଳେଇ, ତାପସ ରାଉତ, ପ୍ରଶାନ୍ତ ବେହେରା, ଶ୍ରୀନିବାସ ସାମଲ, ଅଂଶୁ ଶୁକ୍ଲା, ଶ୍ରୀତମ ଦାସ, ଲିଟୁ, ପ୍ରତୀକ ରାୟସାମନ୍ତ, କାହ୍ନା ନନ୍ଦ, ସିରିସ ଧଳ, ଅନୁପମ ଜେନା, ଲୁଲୁ ଦାସ, କୃଷ ଧଳ, ରୋନକ ପଟ୍ଟନାୟକ, ହରୀ ବେହେରା, ସିବୁଲି ବର୍ମା ପ୍ରମୁଖ ସହଯୋଗ କରିଥିଲେ ।

# ମହାକାଳପଡ଼ାରେ ବିଦ୍ୟୁତ ବିଭ୍ରାଟ : ବଢୁଛି ଗ୍ରାହକଙ୍କ ଅସନ୍ତୋଷ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକର ସଦର ମହକୁମାକୁ ବିଦ୍ୟୁତ୍ ସଂଯୋଗ ୨୪ ଘଣ୍ଟିଆ ମିଳିବ । ଏ ସ୍ୱପ୍ନ ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ । ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ଓ ମହାକାଳପଡ଼ା ପ୍ରତି ବିଦ୍ୟୁତ ବିଭାଗର ଅଣଦେଖା ଅଞ୍ଚଳବାସୀଙ୍କ ପାଇଁ ୨୪ ଘଣ୍ଟିଆ ସେବା ମିଳିପାରୁ ନାହିଁ ବୋଲି ଗ୍ରାହକମାନେ ଅଭିଯୋଗ କରନ୍ତି । ମହାକାଳପଡ଼ା ଅଞ୍ଚଳକୁ ଲୋଭୋଲଟେଜ୍ ସମସ୍ୟା ଦୂର କରିବା ଓ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ କିଆରବାଙ୍କ ଠାରେ ଏକ ଫିଡ଼ର କରାଯାଇଛି । ମହାକାଳପଡ଼ା ବ୍ଲକର ସଦର ମହକୁମା ସମେତ ମଙ୍ଗଳପୁର, ଦେଉଳପଡ଼ା, ମହକାଳପଡ଼ା, ବାରଡାଙ୍ଗ, ବଉଳକଣି, ଜମ୍ବୁ, ବରକନ୍ଦା, ପେଟଛେଲା, ରାମନଗର, ଖରିନାସୀ ବତୀଘର



ପର୍ଯ୍ୟନ୍ତ ଗ୍ରାହକମାନେ କେୟାରବାଙ୍କରୁ ବିଦ୍ୟୁତ୍ ସଂଯୋଗ ପାଇଥାନ୍ତି । ଏଡ଼େବଡ଼ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ଓ ଶୃଙ୍ଖଳିତ, ସୁବ୍ୟବସ୍ଥିତ ପାଇଁ ସରକାର ଯଥାସମ୍ଭବ ଉଦ୍ୟମ କରି ଚାଲିଛନ୍ତି । କିନ୍ତୁ ଏହି ପ୍ରକ୍ରିୟାରୁ ବିଦ୍ୟୁତ୍ ବିଭାଗ ସଠିକ୍ ପଦକ୍ଷେପ ନନେବା ଦ୍ୱାରା ମହାକାଳପଡ଼ା ସଦର ମହକୁମା ପାଇଁ ବହୁତ ସମୟରେ ବିଦ୍ୟୁତ୍ ସେବା ମିଳିପାରୁନି । ଯାହାର ମୁଖ୍ୟ କାରଣ ହେଉଛି କେନାଲ୍ ବ୍ରିଜ୍ ଠାରୁ କିଆରବାଙ୍କ ପର୍ଯ୍ୟନ୍ତ ପ୍ରାୟ ୧୧ କିଲୋମିଟର ହେବ ଯେଉଁ ଖୁଣ୍ଟ ବସିଛି, ଖୁଣ୍ଟରେ ଯେଉଁ ଇନସୁଲେଟର ଲାଗିଛି ଏବଂ ଯେଉଁ ତାର ଟଣାଯାଇଛି ତାହା ପୁରୁଣା ହୋଇ ଗଲାଣି । ଫଳରେ ଅନେକ ସମୟରେ କେତେବେଳେ ଖୁଣ୍ଟ ଉପୁଡ଼ି ଯାଉଛି ତ ବେଳେ ବେଳେ ତାର ଛିଣ୍ଡି ପଡୁଛି । ପିକ୍ ଆୱାରରେ ପୁରୁଣା ତାର ଲୋଡ଼ ନେଇପାରୁନାହିଁ, ତାର ଛିଣ୍ଡିପଡୁଛି । ଏହାକୁ ମରାମତି କରିବା ପାଇଁ କର୍ମଚାରୀମାନେ ନୟାନ୍ତ ହେଉଛନ୍ତି । ଘଣ୍ଟାଘଣ୍ଟା ଧରି ସଦର ମହକୁମା ଅନ୍ଧାରରେ ରହୁଛି । ସେହିପରି ପୁରୁଣା ଇନସୁଲେଟର ନବଦଳିବା ଯୋଗୁ ଅନେକ ସମୟରେ ପଙ୍କଚର ହେଉଛି, ଯାହାକୁ ଖୋଜି ବାହାର କରିବା ପାଇଁ ଟିପିସିଓଡିଏଲ୍‌ର ତଳିଆ କର୍ମଚାରୀ ମାନଙ୍କ ପକ୍ଷରେ କଷ୍ଟକର ବ୍ୟାପାର ହେଉଛି । ବିଦ୍ୟୁତ୍ ଗ୍ରାହକଟିଏ ମାସ ଶେଷରେ ଯେମିତି ହେଉ ତାର ବିଦ୍ୟୁତ୍ ବିଲ୍ ଦାଖଲ କରୁଥିବା ବେଳେ ଅପରପକ୍ଷରେ ତାର, ଖୁଣ୍ଟ, ଇନସୁଲେଟର ସମସ୍ୟା ପାଇଁ ବିଦ୍ୟୁତ୍ ସେବା ମିଳିପାରୁନାହିଁ । ଏଣେ କିନ୍ତୁ ସରକାର କୋଟି କୋଟି ଟଙ୍କା ବିଦ୍ୟୁତ୍ ବିଭାଗର ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ଦେବାରେ ହେଳା କରୁ ନାହାନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କର ଦୂରଦୃଷ୍ଟିର ଅଭାବ ପାଇଁ ଏଭଳି ଅବସ୍ଥା ଉପୁଜୁଛି । ଏମାନଙ୍କ ପାଇଁ ଘରେ ଥିବା ବୟସ୍କ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖାଲି ସେତିକି ନୁହେଁ ବିଭିନ୍ନ କାର୍ଯ୍ୟାଳୟରେ ମଧ୍ୟ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଦ୍ୱାରା ଇଣ୍ଟରନେଟ୍ ଚାଲିବାରେ ବାଧକ ହେଉଛି । ଏ ନେଇ ବାରମ୍ବାର ବିଗତ ଦିନରେ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଏଯାବତ୍ ଏହାର ସମାଧାନ ହୋଇ ପାରିଲା ନାହିଁ । କେଉଁଦିନ ଏ ସମସ୍ୟାର ସମାଧାନ ହେବ ଯାହାକୁ ଚାହିଁ ବସିଛନ୍ତି ବିଦ୍ୟୁତ୍ ଗ୍ରାହକମାନେ ।

# ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟ ଇକୋ କ୍ଲବ୍ ତରଫରୁ ପକ୍ଷୀ ସଂରକ୍ଷଣ କାର୍ଯ୍ୟକ୍ରମ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟ ଇକୋ କ୍ଲବ୍ ତରଫରୁ ପକ୍ଷୀ ସଂରକ୍ଷଣ ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ବିଦ୍ୟାଳୟର ଛାତ୍ରାବାସ, ଛାତ୍ରୀନିବାସ, ଗ୍ରାମରେ ଥିବା ଗଛ, ଗ୍ରାମ ନିକଟ ଜଙ୍ଗଲର ଗଛ ଗୁଡ଼ିକରେ ଏବଂ ନିଜ ଘରେ ଶତାଧିକ ମାଟି ତିଆରି ଚଢ଼େଇ ଘର ଖଞ୍ଜା ଯାଇ ସେଥିରେ ପକ୍ଷୀଙ୍କ ନିମନ୍ତେ ଖାଦ୍ୟ ଏବଂ ଜଳର ବ୍ୟବସ୍ଥା କରାଯାଇଥିଲା ।

ଏହି ମହତ୍ କାର୍ଯ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପତ୍ରୀ, ଶିକ୍ଷକ ସଞ୍ଜୟ କୁମାର ମାହୁନ୍ତ, ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଚନ୍ଦ୍ର, ଶ୍ରିତିରାଣୀ ମଣ୍ଡଳ, ସଂଗୀତା ଜେନା, ମେଟ୍ରନ, ପାଚିକା, ଛାତ୍ର ଛାତ୍ରୀ, ବୀରଲକ୍ଷ୍ମଣପୁର ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଗୁରୁଖୋଲା, ସମ୍ପାଦକ ଭଗବାନ କଡ଼ା, କମିଟିର ସଦସ୍ୟ, ଗାନ୍ଧୀ ଯୁବକ ସଂଘର ସଭାପତି ଭାରତ ବିଜୟ ଖେମୁଣ୍ଡୁ ଏବଂ ସଦସ୍ୟଙ୍କ ସହ ବୀରଲକ୍ଷ୍ମଣପୁର ଗ୍ରାମର ଅନେକ ଯୁବକ ଅଂଶଗ୍ରହଣ କରିଥିଲେ ।

# ଦେଶୀ ମଦ ଚାଲାଣ ବେଳେ ଚଢ଼ଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରଷ ଥାନା ପକ୍ଷରୁ ଚଢ଼ଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମୁଣ୍ଡିଗୁଡ଼ା ମିନ ପରଜା । ଜୟପୁର ଅବକାରୀ ଥାନା ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ମୁଣ୍ଡିଗୁଡ଼ା ଗ୍ରାମ ରାସ୍ତାରେ ଚଢ଼ଉ କରିଛି । ଚଢ଼ଉ କରି ଅଭିଯୁକ୍ତ ଠାରୁ ୮ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରାଯାଇ ଥିବା ବିଷୟ ଅବକାରି ଥାନା ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ବାସୁଳି ପୀଠରେ ଚଇତି ପର୍ବ ଉଦ୍‌ଯାପିତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ଅସନପାଟସ୍ଥିତ ବାସୁଳି ପୀଠରେ ଚାଲିଥିବା ଚଇତି ପର୍ବ ସୋମବାର ଉଦ୍‌ଯାପିତ ହୋଇଛି । ଅସନପାଟ ଚଇତି ପର୍ବର ମୁଖ୍ୟ ଆକର୍ଷଣ ଛଉ ନୃତ୍ୟକୁ ଦର୍ଶକମାନେ ମନଭରି ଉପଭୋଗ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ ସାଲେଇ ପୂଜା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ଏହି ପର୍ବରେ ପ୍ରସ୍ତୁତ ମମଣ୍ଡପ ପ୍ରତିଦିନ ଛଉ ନୃତ୍ୟ ପରିବେଷିତ ହୋଇଥିଲା । ଛଉ ମଣ୍ଡପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ବର୍ଷ ବର୍ଷ ଧରି ଛଉ ନୃତ୍ୟ ପରି ଏକ ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ଏଥିସକାଶେ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ । ଶେଷ ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲା ସୁନ୍ଦରଗଡ଼, ଢେଙ୍କାନାଳ ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଶେଷ ସନ୍ଧ୍ୟାରେ ଶିବ ତାଣ୍ଡବରେ ଛଉ ଦଳ ସାପୁଆ କେଳା ବିଷୟବସ୍ତୁ ପରିବେଷଣ କରିଥିଲେ । ଏହାଛଡ଼ା କାଞ୍ଚି ଅଭିଯାନ, ସାଲେଇପୂଜା, ବକାସୁର ବଧ, କେଳାକେଲୁଣି, ବଗବଗୁଲି, କୋଣାର୍କ, ବଂଶୀଚୋରି, ଆଦ୍ୟଗଙ୍ଗା ଆଦି ବିଷୟବସ୍ତୁକୁ ଅତି ସୁନ୍ଦର ଭାବେ ପରିବେଷଣ କରାଯାଇଥିଲା । ପୌରାଣିକ କଥାବସ୍ତୁ ଉପରେ ଆଧାରିତ ସାଲେଇ ପୂଜା ଓ ଆଦ୍ୟଗଙ୍ଗା ବିଷୟବସ୍ତୁର ଉପସ୍ଥାପନା ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲା । ସକାଳେ ଛଉ କଳାକାର ଓ ଗ୍ରାମବାସୀ ଭେଦଭାବ ଭୁଲି ରଙ୍ଗ ଖେଳରେ ମାତିବା ସହ ସାମୁହିକ ଭାବେ ରଥକୁ ମାମୁଲି ଯୋଡ଼ା ସାହିକୁ ବନ୍ଦାପନା କରି ପ୍ରତ୍ୟାବର୍ତ୍ତନ କରିବା ସହ ବର୍ଷସାରା ଗ୍ରାମବାସୀଙ୍କ ପାଇଁ ମହାମାରୀ ନ ଆସୁ ବୋଲି ମା' ବାସୁଳୀଙ୍କଠାରେ ଗ୍ରାମଦାସୀ ଶରଣ ମାଗିଥିଲେ । କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନାରେ ଦାହିଁ ନାଏକ, ଅର୍ଜୁନ ଚରଣ ନାଏକ, ଚନ୍ଦ୍ରହାସୀ ନାଏକ, ସମାଜିକ କର୍ମୀ ଜେଠୁରାମ ମହାକୁଡ଼ ସହଯୋଗ କରିଥିଲେ । ଏହାଛଡ଼ା ସାନ ସାହିରେ ଥିବା ଗ୍ରାମ କମିଟି ପରିଚାଳନାରେ ମୁଖ୍ୟ ଭାବେ ସହଯୋଗ କରିଥିଲା ।

# ମୁକୁନା ଶ୍ରୀରାମ ମନ୍ଦିର ଦ୍ୱିତୀୟ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମୁକୁନା ଗ୍ରାମରେ ଥିବା ଭବ୍ୟ ଶ୍ରୀରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଶ୍ରୀରାମନବମୀ ଉତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି । ଗତ ରବିବାର ସ୍ଥାନୀୟ ଅରଡ଼େଇ ନଦୀରୁ ସୂର୍ଯ୍ୟପୂଜା, ବରୁଣ ପୂଜା ପରେ କଳସ ସ୍ନାନ କରଯାଇ ଏକ ଶୋଭାଯାତ୍ରାରେ ଆସିଥିଲା । ମଙ୍ଗଳବାର ମହାପ୍ରଭୁ ଶ୍ରୀରାମ ଚନ୍ଦ୍ର ରତ୍ନସିଂହାସନରୁ ଅବତରଣ କରି ନଗର ପରିକ୍ରମା କରିଥିଲେ । ଏହି ନଗର ପରିକ୍ରମାରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଝାଞ୍ଜ, ମୃଦଙ୍ଗ, ମର୍ଦ୍ଦଳ ଆଦି ବାଦକ ଯନ୍ତ୍ର ସହିତ ଆଲାଟ ଚାମର ସେବା ପ୍ରାପ୍ତ ହୋଇ ଏକ ଭବ୍ୟ ସମାରୋହରେ ନଗର ପରିକ୍ରମା କରି ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ବିଜେ ହୋଇଥିଲେ । ପ୍ରଭୁ ଶ୍ରୀରାମ ସ୍ନାନ ମଣ୍ଡପରେ ପ୍ରଭୁ ମହାସ୍ନାନ ପରେ ରତ୍ନସିଂହାସନରେ ସର୍ବ ଦର୍ଶନ ଦେଇଥିଲେ । ମହାପ୍ରଭୁଙ୍କର ଏହି ନଗର ବିଜେ ଉତ୍ସବକୁ ଦେଖି ପୁରାଣର ବର୍ଣ୍ଣିତ ଅଯୋଧ୍ୟା ନଗରରେ ରାମଙ୍କ ବିଜେ କଥାକୁ ସ୍ମରଣ କରିଥିଲେ । ଶ୍ରଦ୍ଧାଳୁ ଶ୍ରୀରାମନବମୀ ଅବସରରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ବିଜେ ପରେ ପ୍ରଭୁଙ୍କ ଯଜ୍ଞ ଶାଳାରେ ସପ୍ତସତୀ ଚଣ୍ଡୀ ପାଠ ଏବଂ ଆହୁତି ପ୍ରଦାନ କରଯାଇଥିଲା । ଶ୍ରୀରାମ ନବମୀ ଅବସରରେ ପ୍ରଭୁଙ୍କର ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହେବା ସହ ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଛି । ମହାପ୍ରଭୁ ରତ୍ନସିଂହାସନରେ ବିଜେ କରି ରାଜାଧିରାଜ ବେଶରେ ଜନ ସମୁଦାୟକୁ ଦର୍ଶନ ଦେଇଛନ୍ତି । ବହୁ ସଂଖ୍ୟାରେ ଜନ ସଧାରଣ ମନ୍ଦିର ଉପସ୍ଥିତ ରହି ପ୍ରଭୁ ଶ୍ରୀରାମଙ୍କ କୈବଲ୍ୟ କୃପା ପ୍ରାପ୍ତ କରିଛନ୍ତି । ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଶ୍ରୀରାମନବମୀ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବା ଶ୍ରୀରାମ ମନ୍ଦିର କମିଟି ମୁକୁନା ପକ୍ଷରୁ ସୂଚନା ମିଳିଛି ।

# ବଡୁଆରେ ଇମାମୀର ସ୍ୱାସ୍ଥ୍ୟ ଶିବିର

**ବାଲେଶ୍ୱର, ନ୍ୟୁଜ୍**

ପବିତ୍ର ଶ୍ରୀରାମନବମୀ ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ବୁଧବାର ରେମୁଣା ବ୍ଲକ୍‌ର ଖରିଦମୁଖୁରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡୁଆ ଠାରେ ଇମାମୀ ପେପର ମିଲ୍‌ସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବଡୁଆ, ବାସୁଖୁନ୍ନା, ଆର୍ମଳା, କୋଚିଳାପଦା, ନରହରିପୁର, ବିମ୍ବୁରିଆ, ଦିଖାପଦା ପ୍ରଭୃତି ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଇମାମୀର ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ଡା. ପ୍ରଦୀପ କୁମାର ଜେନା, ହୋମିଓପ୍ୟାଥି ଚିକିତ୍ସକ ଡା. ଗଜେନ୍ଦ୍ର ମହାରଣା ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ । ସାମାଜିକ କର୍ମୀ ଗୋପୀନାଥ ମହାପାତ୍ର, କମଳଲୋଚନ ପାତ୍ର, ନରେନ୍ଦ୍ର ମଲିକ, ବିଜୟିନୀ ମହାପାତ୍ର , ରମେଶ ଚନ୍ଦ୍ର ମହାଳିକ ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଇମାମୀ ପେପର ମିଲସର ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ଡଃ ୟୁସୁଫ ଅଲ୍ଲୀ ସୋଲାଙ୍କୀ, ଉପ ମହାପ୍ରବନ୍ଧକ ମନୋଜ କୁମାର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ।ବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଶିଳ୍ପସଂସ୍ଥାର ଏତାଦୃଶ ମହତ କାର୍ଯ୍ୟପାଇଁ ଗ୍ରାମବାସୀମାନେ ସାଧୁବାଦ ଜଣାଇଛନ୍ତି ।

# ବାରିପଦାର ବିଭିନ୍ନ ସ୍ଥାନରେ ବହୁ ଆଡ଼ମ୍ବରରେ ରାମନବମୀ ପାଳନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମ ଜୟନ୍ତୀ ପବିତ୍ର ଶ୍ରୀରାମ ନବମୀ ଅବସରରେ ଭାରତ ବର୍ଷ ସାରା ରାମମୟ ହୋଇଥିଲା । ସନାତନ ଧର୍ମର ପ୍ରଭୁ ତାଙ୍କ ଜନ୍ମ ଭୂମି ଅଯୋଧ୍ୟା ଠାରେ ନୂତନ ମନ୍ଦିର ସ୍ଥାପନ ପରେ ପ୍ରଥମ ଥର ଦେଶବାସୀ ଶ୍ରୀରାମ ନବମୀକୁ ଭକ୍ତି ଭାବରେ ସୁନ୍ଦର ଭାବରେ ପାଳନ କରୁଛନ୍ତି । ସେହି ପରିପ୍ରେକ୍ଷୀରେ ବାରିପଦାର ବିଭିନ୍ନ ସ୍ଥାନରେ ବହୁ ଆଡମ୍ବରରେ ରାମ ନବମୀ ପାଳନ କରାଯାଇଛି । ବାରିପଦା ଠାରେ ବଜରଙ୍ଗ ସେନା ପ୍ରତିଷ୍ଠାତା ବର୍ତ୍ତମାନର ଉପଦେଷ୍ଟା ତଥା ପୂର୍ବତନ ସଭାପତି କୁମାର ମଙ୍ଗଳମଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇ ଥିଲା । ବାରିପଦା ସ୍ଥିତ ଷ୍ଟେସନ ପଡ଼ିଆ ଠାରୁ ରାମ ଭକ୍ତମାନେ ଶୋଭାଯାତ୍ରା ଆରମ୍ଭ କରି ସହର ସାରା ପ୍ରଭୁ ଶ୍ରୀରାମ ଓ ହନୁମାନଜୀଙ୍କ ଜୟ ନାରାରେ ପ୍ରକମ୍ପିତ କରି ସହର ପରିକ୍ରମା କରି ଛଉ ପଡ଼ିଆ ପର୍ଯ୍ୟନ୍ତ ବିଶାଳ ପଟୁଆରରେ ପହଞ୍ଚିଥିଲେ । ଏହି ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାରିପଦାର ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନଙ୍କ ସହିତ ବହୁ ରାମ ଭକ୍ତମାନଙ୍କ ମଧ୍ୟରେ ସୋମନାଥ ବେହେରା, ଦେବବ୍ରତ ସାମଲ, ଦୀପକ ମଲ୍ଲିକ, କାର୍ତ୍ତିକ ମହାନ୍ତ, ରାଜ ଗୁପ୍ତା, ମନୋଜ ବେହେରା, ସୁଧୀର ମହାନ୍ତ, ଗୌରବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ : ବିଭିନ୍ନ ମହଲରେ ଶୋକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁରଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ରାଉତଙ୍କ ପବିତ୍ର ଶ୍ରୀରାମ ନବମୀ ଦିନ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ମନୋଜ କୁମାର ରାଉତ, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ କୁମାର ଦାସ, କଂଗ୍ରେସ ଯୁବନେତା ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ସେକ ସଦାମ, ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ସିଆରସିସି ଗତିକୃଷ୍ଣ ରାଉତ, ମନ୍ମଥ ଖଟୁଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କ କନିଷ୍ଠ ପୁତ୍ର ତଥା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସର ପ୍ରାକ୍ତନ ସଭାପତି ଦିଲୀପ କୁମାର ରାଉତ ମୁଖାଗ୍ନି ଦେଇଥିଲେ ।

# ମା' ବାସନ୍ତୀ ଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଓ ଟାଟା ଷ୍ଟିଲ୍ ମେଡିକାଲ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକର ସୋହଡ଼ା ପଞ୍ଚାୟତର ବୈତରଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା' ବାସନ୍ତିଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଓ ଟାଟା ଷ୍ଟିଲ୍ ମେଡିକାଲ ହସ୍ପିଟାଲ ଯାଜପୁର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଚାରିଟେବୁଲ ଟ୍ରଷ୍ଟର ଫାଉଣ୍ଡର ସମିତ କୁମାର ଜେନା ଓ ବାସନ୍ତୀ ଦୁର୍ଗା ପୂଜା କମିଟିର ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ସୋହଡ଼ା ସମେତ କରଦା,



ପଧାନି, ଦୋବଲ, ଖଡ଼ିପଦା ପଞ୍ଚାୟତ ପାଖାପାଖି ୨୦୦ ରୋଗୀ ନିଜର ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଜର ଚିକିତ୍ସା କରାଇଥିଲେ । ଟାଟା ଷ୍ଟିଲ୍ ମେଡିକାଲ ଏଣ୍ଡ ହସ୍‌ପିଟାଲ ଯାଜପୁର ଓ କଳିଙ୍ଗ ହସ୍‌ପିଟାଲର ଭୁବନେଶ୍ୱରର ଡାକ୍ତର ଡାକ୍ତର ନିର୍ମଳ ବିଶୋଇ, ଡାକ୍ତର ବିରଜା କୁମାର ବିଶ୍ୱାଳ, ତପସ୍ୱିନୀ ମାହାଲି, ସଞ୍ଜୀବ ସାହୁ, ବିଶ୍ୱଜିତ ବେହେରା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରାଇଥିଲେ । ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଅସହାୟ ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତିଙ୍କୁ ମଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟନେଇ ଏହି ଟ୍ରଷ୍ଟର ଉଦ୍ଦେଶ୍ୟ ଥିବା ଦ୍ୱୟ କମିଟି ସଦସ୍ୟ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶଶିକାନ୍ତ ଜେନା, ନିହାର ଜେନା, ତୁଷାର ଜେନା, ଉପେନ୍ଦ୍ର ଦାସ, ଉତ୍ତମ ଦାସ, ରାଜେନ୍ଦ୍ର ଦାସ, ଅତୁଲ ଜେନା, ଅଶ୍ୱନୀ ରଣା, ବୀରେନ୍ଦ୍ର ଦାସ, ରାଜେନ୍ଦ୍ର ଦାସ, ବାୟାନନ୍ଦ ଦାସ, ନରହରି ଦାସ, ପରେଶ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# କଟକ ସେବା ଫାଉଣ୍ଡେସନ ପକ୍ଷରୁ ବିଶାଳ ରକ୍ତଦାନ ଶିବିର




**କଟକ, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରକ୍ତର ଅଭାବ ଦେଖାଦେଇଥାଏ । କାରଣ ଏହି ସମୟରେ ବୋହୁ ଲୋକ ରକ୍ତ ଦେଇନଥାନ୍ତି ଯାହାଦ୍ୱାରା ବହୁତ ରୋଗୀ ଯେପରିକି କ୍ୟାନ୍ସର ପେସେଣ୍ଟ ହୁଅନ୍ତୁ କି ଥାଲସେମିଆ ପେସେଣ୍ଟ କି ଆକ୍ସିଡେଣ୍ଟ ପେସେଣ୍ଟମାନେ ବହୁଳ ପରିମାଣରେ ହଇରାଣର ସମ୍ମୁଖୀନ ହୋଇଥାନ୍ତି । କିନ୍ତୁ ମହାନଦୀ ବିହାର ସ୍ଥିତ ସେଲିବ୍ରେସନ ମଣ୍ଡପ ଠାରେ କଟକ ସେବା ଫାଉଣ୍ଡେସନ ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି, ଯୋଉଠି ୪୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ଫାଉଣ୍ଡେସନର ପ୍ରତିଷ୍ଠାତା ପପୁ ପାତ୍ର, ଉପସଭାପତି ମନିଜଲ ସାହୁ, ସମ୍ପାଦକ ସମ୍ରାଟ ସେଠୀ, ସହ ସମ୍ପାଦକ ମନୁ ମହାରଣା ସହ ଝୁନୀ ପାତ୍ରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରି ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମାପନ କରିଥିଲେ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# କୁକୁର ବାନ୍ଧ୍ୟାକରଣ ବିଫଳ : ବିଏମ୍‌ସି ଅଞ୍ଚଳରେ ବୁଲାକୁକୁରଙ୍କ ଦୌରାତ୍ମ୍ୟ ବଢୁଛି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଏମ୍‌ସିରେ ବଡ଼ ବଡ଼ ଯୋଜନା କରାଯାଉଛି । କିନ୍ତୁ ସବୁ କାମ ଅଧପନ୍ତରିଆ ଭାବେ ରହିଛି । କାର୍ଯ୍ୟ ଶୂନ୍ୟ । ପାଟ ହବ୍ ଠାରୁ ଆରମ୍ଭ କରି ଗିରି ମାର୍କେଟ୍ ପର୍ଯ୍ୟନ୍ତ ସବୁଠି ଧିମା କାମ । ଏବେ ସେହିଭଳି ଆଉ ଏକ ଘଟଣା ସାମ୍ନାକୁ ଆସିଛି । ରାଜ୍ୟ ସରକାର ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଆନିମଲ୍ ବାର୍ଥ କଣ୍ଟ୍ରୋଲ୍ କାର୍ଯ୍ୟକ୍ରମ ପାଇଁ ୨୦ ଲକ୍ଷ ଟଙ୍କା ଦେଉଥିବା ବେଳେ ଏହାର ବିନିଯୋଗ ହୋଇପାରୁନି । ଗତ ତିନି ବର୍ଷ ହେଲା ଏବିସି କାର୍ଯ୍ୟକ୍ରମ ବାବଦ ଟଙ୍କା ପଡ଼ି ରହିଛି । ଅଥଚ ସହରରେ ବୁଲା କୁକୁରଙ୍କ ଦୌରୋତ୍ମ୍ୟ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୨୦୨୧ ରେ ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଥିବା ଏବିସି ଯୋଜନାରେ ଲଘୁକ୍ରିୟା ହୋଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେବାର କିଛି ଦିନ ମଧ୍ୟରେ ବନ୍ଦ ହୋଇଯାଇଛି । ଦୁଇ ବର୍ଷ ହେବ ଆଉ ଏହାକୁ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ହେଉନଥିବା ଅଭିଯୋଗ ହେଉଛ । ବିଏମ୍‌ସି ଓ ପଶୁ ଚିକିତ୍ସା ବିଭାଗର ମିଳିତ ସହଯୋଗରେ ଏବିସି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା । ନିଷ୍ପତ୍ତି ଅନୁସାରେ ବିଏମ୍‌ସି ଏହି କାର୍ଯ୍ୟକ୍ରମର ମୁଖ୍ୟ ରହିଥିବା ବେଳେ ପଶୁ ଚିକିତ୍ସା ବିଭାଗ ସହଯୋଗୀ ପାର୍ଟନର ରହିଥିଲା । କୁକୁର ଧରିବା ପାଇଁ କ୍ୟାଚର, କର୍ମଚାରୀ, ବୋହି ନେବା ପାଇଁ ଗାଡ଼ି, ଅସ୍ତ୍ରୋପଚାର ପରବର୍ତ୍ତୀ ରହଣି ସେମାନଙ୍କ ପାଇଁ ଖାଦ୍ୟ ଓ ସେବା ପାଇଁ ସହାୟକ କର୍ମଚାରୀ ଆଦି ସମସ୍ତ କାର୍ଯ୍ୟ ବିଏମ୍‌ସିର ଦାୟିତ୍ୱ ଥିଲା । ପଶୁ ଚିକିତ୍ସା ବିଭାଗ ମେଡ଼ିକାଲ୍ ଓ ଆନୁଷଙ୍ଗିକ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ନିର୍ଦ୍ଧାରିତ ସମୟରେ ଖାଦ୍ୟ ଯୋଗାଣ ବ୍ୟତୀତ ବିଏମ୍‌ସି ସମସ୍ତ ସହାୟତା ଉପଲବ୍ଧ କରାଇଥିଲା । ଏପରିକି କ୍ୟାଚର, ଗାଡ଼ି, ସ୍ୱତନ୍ତ୍ର ଭାବେ ୪ ଜଣ କର୍ମଚାରୀଙ୍କୁ କୁକୁର ଧରିବା ପାଇଁ ନିୟୋଜିତ କରିଥିଲା । ୨୦୨୧ ସେପ୍ଟେମ୍ବରରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ



୧୧ଟି କୁକୁରଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ଅସ୍ତ୍ରୋପଚାର ପରେ କୁକୁରଗୁଡ଼ିକୁ ସପ୍ତାହେ ପର୍ଯ୍ୟନ୍ତ ନିରୀକ୍ଷଣରେ ରଖାଯିବାର ନିୟମ ରହିଥିବାରୁ ଏହି ସମୟ ମଧ୍ୟରେ ଆବଶ୍ୟକ ଖାଦ୍ୟ ଯୋଗାଣ କାର୍ଯ୍ୟ ମଧ୍ୟ ବିଏମ୍‌ସିର ଦାୟିତ୍ୱ ଥିଲା । କିନ୍ତୁ ଠିକ୍ ସମୟରେ ଖାଦ୍ୟ ଯୋଗାଣ ପାଇଁ ଟେଣ୍ଡର ତ୍ୱରାନ୍ୱିତ କରିବାରେ ବିଏମ୍‌ସି ବିଫଳ ହେଲା । ପରବର୍ତ୍ତୀ ମାସ ଅକ୍ଟୋବରରୁ ଏବିସି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା । ଏ ଭିତରେ ଅଢ଼େଇ ବର୍ଷ ବିତି ଯାଇଥିଲେ ବି ବିଏମ୍‌ସି ଫୁଡ୍ ଟେଣ୍ଡର ତ୍ୱରାନ୍ୱିତ କରିବାରେ ଓ ଡ଼ାକ୍ତରୀ ଟିମ୍ ନିୟୋଜିତ କରିବାରେ ସକ୍ଷମ ହୋଇପାରିନି । ମାତ୍ର ଏବିସି କାର୍ଯ୍ୟକ୍ରମ ବାବଦ ଟଙ୍କା ଏବେ ବି ବିଏମ୍‌ସିକୁ ଆସୁଥିବା ଜଣାଯାଇଛି । ୨୦୨୨ରେ ଏ ବାବଦରେ ୧୦ ଲକ୍ଷ ଟଙ୍କା ଆସିଥିବା ବେଳେ ୨୦୨୩ରେ ୨୦ ଲକ୍ଷ ଓ ୨୦୨୪ରେ ମଧ୍ୟ ୨୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଏହି ଟଙ୍କାରେ କାର୍ଯ୍ୟକ୍ରମ ଜାରି ରଖିବାକୁ ନିର୍ଦ୍ଦେଶ ରହିଥିଲେ ବି ବିଏମ୍‌ସି ବିଫଳ ହେଉଛି । ଶେଷରେ ଏବିସି କାର୍ଯ୍ୟକ୍ରମ ପାଇଁ ଆସୁଥିବା ଟଙ୍କାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ଘରୋଇ ସଂସ୍ଥାକୁ ନିୟୋଜିତ କରିବାକୁ ବିଏମ୍‌ସି ଯୋଜନା କରିଥିଲା । ମାତ୍ର ତାହା ବି କାର୍ଯ୍ୟକାରୀ କରିପାରିଲାନି । କେବଳ ଆରୋପ ପ୍ରତ୍ୟାରୋପରେ ଏବିସି କାର୍ଯ୍ୟକ୍ରମ ସୀମିତ ରହିଛି । ଡାକ୍ତର, ସହାୟକ, ଆବଶ୍ୟକ ଖାଦ୍ୟ ଯୋଗାଣରେ ବିଏମ୍‌ସି ବିଫଳ ହୋଇଥିବା ପଶୁ ଚିକିତ୍ସା ବିଭାଗ ଆରୋପ କରୁଛି । ଅନ୍ୟପଟେ ବିଏମ୍‌ସି ମଧ୍ୟ ପ୍ରତ୍ୟାରୋପ କରିବାରେ ପଛରେ ନାହିଁ । ଅପରେସନ୍ ଓ ପରବର୍ତ୍ତୀ ରହଣି ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ଉପଯୁକ୍ତ ବନ୍ଦୋବସ୍ତ କରିନଥିବାର ଏବିସି କାର୍ଯ୍ୟକ୍ରମ ଆଗେଇ ପାରୁନଥିବା ବିଏମ୍‌ସିର ଅଭିଯୋଗ ହୋଇଥିଲା । ଆରୋପ ପ୍ରତ୍ୟାରୋପ ଭିତରେ ସହରବାସୀ ପେଷି ହେଉଛନ୍ତି । ଭିତ୍ତିଭୂମି ସମ୍ପ୍ରସାରଣ ସହ ଅନ୍ୟାନ୍ୟ କାର୍ଯ୍ୟ ହାତକୁ ନିଆଯାଇଛି । ଏ ବର୍ଷ ଠାରୁ ପୁଣି ଏବିସି କାର୍ଯ୍ୟକ୍ରମ ଆରମ୍ଭ ହୋଇପାରେ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧାରୀ ଡା. ମନୋଜ କୁମାର ସାହୁ କହିଛନ୍ତି । ଏନେଇ ଦାୟିତ୍ୱରେ ଥିବା ବିଏମ୍‌ସି ଡ଼େପୁଟି କମିଶନରଙ୍କ ପ୍ରତିକ୍ରିୟା ମିଳିପାରିନି ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ବଢୁଛି

**ଦେଶ**ର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ବାସନ୍ତିକ ଦୁର୍ଗୋତ୍ସବ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

**(ପୂର୍ବ ପ୍ରକାଶନ ଉତ୍ତାରୁ)**

ଦୁର୍ଗା ମହିଷା ମର୍ଦ୍ଦିନୀ ମାୟା। ଅସୁର ନିଧନ କାଳରେ ତାଙ୍କ ଭିନ୍ନ ଭିନ୍ନ ରୂପ। କେବେ ଦଶଭୁଜା, କେତେବେଳେ ଷୋଡ଼ଭୁଜା, କେବେ ସହସ୍ରଭୁଜା। ତାଙ୍କର ଆକଳନ କଳ୍ପନାତୀତ। ଅସୀମ ତାଙ୍କର ବ୍ୟାପ୍ତି। ସେ ଚନ୍ଦ୍ର, ତାରା, ସ୍ଥାବର ଜଙ୍ଗମାତ୍ମିକା ବିଶ୍ୱରୂପା। ଡାକିନୀ, ଚଣ୍ଡୀ ଚାମୁଣ୍ଡା, ପ୍ରେତିନୀ, ପିଶାଚିନୀ ତାଙ୍କ ସହଚରୀ। ଦେବୀ ଅମିତ ଶକ୍ତି। ତେଣୁ ତାଙ୍କୁ ସ୍ତୁତି କରାଯାଏ – **"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା / ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ।" ଦେବୀ ମୋକ୍ଷଦାତ୍ରୀ। ଏକଥା 'ଶିବ ଗୀତା'ରେ ଲିଖିତ – "ସାଲୋକ୍ୟମପି ସାରୂପ୍ୟଂ ସାର୍ଷ୍ଟ୍ୟଂ ସାଯୁଜ୍ୟମେବ ଚ / କୈବଲ୍ୟଞ୍ଚେତି ତାଂ ବିଦ୍ଧି ମୁକ୍ତିଂ ରାଘବ ପଞ୍ଚଧା।"**

ଦେବୀ ବ୍ରହ୍ମର ଚିତ୍ ସ୍ୱରୂପ। ସେ ଛୋଟ ପିଲା ନୁହନ୍ତି। ବୁଢ଼ୀ ନୁହନ୍ତି। ସେ ସଦା ଯୁବତୀ – ନିତ୍ୟ ଯୁବତୀ। ତାଙ୍କ ଯୌବନ ନିତ୍ୟ। ସେ – 'ନ ବାଳା ନ ଚ ତ୍ୱଂ ବୟସ୍କା ନ ବୃଦ୍ଧା।' ଏହା ବ୍ରହ୍ମର ଲକ୍ଷଣ। ତାହା କଦାପି ଅପଚୟ ବା ଉପଚୟ ନୁହେଁ। ତେଣୁ ସେ ନିର୍ବିକାର।

ଦେବୀ ତିନି ପ୍ରକାରରେ ଉପାସିତା – (୧) ବୈଦିକୀ, (୨) ତାନ୍ତ୍ରିକୀ, (୩) ମିଶ୍ରା। ଯଥା – "ବୈଦିକ ସ୍ତାନ୍ତ୍ରୀକୋ ମିଶ୍ର ଇତି ମେ ତ୍ରିବିଧୋ ମଖଃ। / ତ୍ରୟାଣାମିପି ତେ ଚୈବ ବିଧିନାଂ ମାଂ ସମଚୟତେ।"

ମାତ୍ର ଦୁର୍ଗୋପାସନାରେ ତାନ୍ତ୍ରିକ ବିଧି ବହୁଳ ଭାବେ ଅନୁସୃତ। ପୁନଶ୍ଚ ମୂର୍ତ୍ତି ଉପାସନା ଦୁଇ ପ୍ରକାର – ସ୍ୱଗୃହେ, ଦ୍ୱିତୀୟତଃ ଜନ ମନ୍ଦିରରେ। ଦ୍ୱିତୀୟ ପ୍ରକାର ପୂଜୋପାସନା ଅନୁଷ୍ଠାନ ଦ୍ୱାରା ହୁଏ। ତାହା ଉତ୍ସବ। ତେବେ ଜନ ମନ୍ଦିରରେ ଉପାସନା ସର୍ବଶ୍ରେଷ୍ଠ। ବେଦୋକ୍ତ ଶ୍ରୌତଯଜ୍ଞରେ କ୍ରମେ ନିଷ୍ଠା ହ୍ରାସ ପାଇଲା। ଆରମ୍ଭ ହେଲା ସ୍ମାର୍ତ୍ତ ପଦ୍ଧତିର ଯଜ୍ଞୋପାସନା। ତାହା ପଞ୍ଚ ମହାଯଜ୍ଞ – ଦେବଯଜ୍ଞ, ପିତୃଯଜ୍ଞ, ମନୁଷ୍ୟଯଜ୍ଞ, ବ୍ରହ୍ମଯଜ୍ଞ ଓ ଭୂତଯଜ୍ଞ। ଏ ପ୍ରସଙ୍ଗଟି ଶତପଥ ବ୍ରାହ୍ମଣ, ତୈତ୍ତିରୀୟ ଆରଣ୍ୟକ ବୈଦିକ ସାହିତ୍ୟରେ ବର୍ଣ୍ଣିତ। ଦେବୀ ପୂଜାରେ ଦେବାୟତନ ନିର୍ମାଣ, ଦେବୀ ପ୍ରତିମା ପ୍ରତିଷ୍ଠା – ଦେବପୂଜାର ଶ୍ରେଷ୍ଠ ନିଦର୍ଶନ। ମନ୍ଦିରରେ ମୂର୍ତ୍ତି ଦୁଇ ପ୍ରକାର। ଗୋଟେ ପ୍ରତିମା ଉତ୍ସବାଦିରେ ସ୍ଥାନାନ୍ତରିତ ହୁଅନ୍ତି। ଅନ୍ୟଟି ସ୍ଥିର। ଓଡ଼ିଶାରେ ବହୁ ଶାକ୍ତପୀଠ। ସେଠାରେ ଦେବୀଙ୍କର ବାସନ୍ତିକ ପୂଜାର୍ଚ୍ଚନା ମହାସମାରୋହରେ ପାଳିତ ହୁଏ।

'ଉଡ୍ଡୀୟାନ' ଏକ ପ୍ରାଚୀନ ତନ୍ତ୍ରପୀଠ। ଏକଥାଟି 'ସାଧନାମାଳା', 'କାଳିକା ପୁରାଣ' ପ୍ରଭୃତି ତନ୍ତ୍ରଶାସ୍ତ୍ରରେ ବର୍ଣ୍ଣିତ। ଓଡ଼ିଶାର ମୁଖ୍ୟ ଶକ୍ତିପୀଠ ଶ୍ରୀକ୍ଷେତ୍ରର ବିମଳା, ଯାଜପୁରର ବିରଜା – ଏ ସମ୍ବନ୍ଧରେ 'ବୃହନ୍ନୀଳା ତନ୍ତ୍ର', 'କାମାର୍ଣ୍ଣବ ତନ୍ତ୍ର'ରେ ସୂଚିତ। ଓଡ଼ିଶାରେ ଅନ୍ୟାନ୍ୟ ଶାକ୍ତପୀଠ ରହିଛି। ତନ୍ମଧ୍ୟରେ ଶାରଳା ପୀଠ – ଝଙ୍କଡ଼, ମଙ୍ଗଳା ପୀଠ – କାକଟପୁର, ସମଲାଇ ପୀଠ – ସମ୍ବଲପୁର, ଭଗବତୀ ପୀଠ – ବାଣପୁର, ତାରିଣୀ ପୀଠ – ଘଟଗାଁ, ଚର୍ଚ୍ଚିକା ପୀଠ – ବାଙ୍କୀ, ଭଟ୍ଟାରିକା ପୀଠ – ବଡ଼ମ୍ବା – ଏ ସମସ୍ତ ପ୍ରସିଦ୍ଧ। ଏତଦ୍‌ଭିନ୍ନ ଆହୁରି ଅନେକ ତନ୍ତ୍ରପୀଠ, ସେଗୁଡ଼ିକର ମାହାତ୍ମ୍ୟ ବି ଚୌଦିଗ ପ୍ରସାରୀ। ଭୁବନେଶ୍ୱର ସନ୍ନିକଟସ୍ଥ ବାଲିଅନ୍ତା ଥାନାନ୍ତର୍ଗତ ହୀରାପୁର, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ରାଣୀପୁର-ଝରିଆଲ। ଏ ଦୁଇ ପୀଠରେ ଚଉଷଠି ଯୋଗିନୀ ମନ୍ଦିର। ଏହାର ବହୁ ଖ୍ୟାତି। ପଞ୍ଚ ତିରିଶିଟି ଶକ୍ତିପୀଠ, ଊଣେଇଶି ଗୋଟି ଶୈବପୀଠ, ଷୋହଳଟି ମହାପୀଠ – ଏମିତି ସତୁରୀ ପୀଠକୁ ନେଇ ଉତ୍କଳର ଗୋଟେ 'ଶାକ୍ତ ମଣ୍ଡଳ'। ସେହିପରି ପାରଦ୍ୱୀପରେ ହରଚଣ୍ଡିକା, କାକଟପୁରରେ ମଙ୍ଗଳା, ବାଙ୍କୀରେ ଚର୍ଚ୍ଚିକା, ଚନ୍ଦ୍ରଭାଗାରେ ରାମଚଣ୍ଡୀ, ବାଣପୁରରେ ଭଗବତୀ, ମଣିପର୍ବତରେ ନାରାୟଣୀ, ସଙ୍କଟ ପର୍ବତରେ ତାରିଣୀ, ଯାଜପୁରରେ ବିରଜା, ଝଙ୍କଡ଼ରେ ଶାରଳା, ନାଗକେଶ୍ୱରପୁରରେ ଉଗ୍ରତାରା, ବିଡ଼ାନାସୀରେ ଉଗ୍ରଚଣ୍ଡୀ ବା କଟକ ଚଣ୍ଡୀ, ଗୌରୀପୁରରେ କୀଚକେଶ୍ୱରୀ, ସମଲପୁରରେ ସମଲେଶ୍ୱରୀ ପ୍ରଭୃତି ଷୋହଳ ଶକ୍ତି ପୀଠ। ଏ ସମସ୍ତ ଶ୍ରୀକ୍ଷେତ୍ର ରକ୍ଷା ପାଇଁ ଅବସ୍ଥାପିତ। ଏଇ ପୀଠମାନଙ୍କରେ ଦେବୀଙ୍କର ବାସନ୍ତିକ ପୂଜା ଅନୁଷ୍ଠିତ ହୁଏ।

ଚଇତ୍ର ଶୁକ୍ଳ ପ୍ରତିପଦାଠାରୁ ଶୁକ୍ଳ ନବମୀ। ଏଇ ସମୟ ଅବଧି। ବସନ୍ତକାଳୀନ ନବରାତ୍ରି ଭାବେ ଖ୍ୟାତ। ଏଇ ସମୟରେ ନବରାତ୍ର ବିଧାନ ସହ ନବଚଣ୍ଡୀ ବିଧାନ ଚାଲେ। ନବରାତ୍ରରେ ନବାନ୍ନ ଜପ କରାଯାଏ। ଏ ପ୍ରସଙ୍ଗରେ ମାର୍କଣ୍ଡେୟ ପୁରାଣ କହେ – "ପ୍ରତ୍ୟହଂ ପୂଜୟେଦ୍-ଦେବୀଂ ପଠେତ୍-ସପ୍ତଶତୀମପି / ବିପ୍ରାନାରାଧ ମନ୍ତ୍ରୀ ସ୍ୱଭିଷ୍ଟାର୍ଥଂ ଲଭତେଅଚିରାତ୍।" ନବରାତ୍ର ଉପାସନାକାରୀ ଅଶେଷ ପୁଣ୍ୟ ଅର୍ଜ୍ଜନ କରନ୍ତି। ବାସନ୍ତିକ ଦୁର୍ଗୋତ୍ସବରେ ମହିଷାମର୍ଦ୍ଦିନୀ ତିନିଟି ବିଶେଷ ରୂପରେ ଆରାଧିତା- (୧) ମହାଲକ୍ଷ୍ମୀ, (୨) ମହାସରସ୍ୱତୀ, (୩) ବିଷ୍ଣୁମାୟା ମହାକାଳୀ। ସମସ୍ତ ଦେବତାଙ୍କ ଭିତରୁ ଆବିର୍ଭୂତା ଦେବୀ ମହିଷା ମର୍ଦ୍ଦିନୀ ମା' ଦୁର୍ଗା। ସେ ମହାଲକ୍ଷ୍ମୀ – ଏ କଥାଟି ଶିବପୁରାଣ କହେ। ପ୍ରାଣତୋଷିନୀ ତନ୍ତ୍ରରେ ଲକ୍ଷ୍ମୀଙ୍କର ଆବିର୍ଭାବ ସମ୍ପର୍କରେ ବର୍ଣ୍ଣିତ। ବ୍ରହ୍ମା ସୃଷ୍ଟିର ଆରମ୍ଭ କରିବା ପୂର୍ବର କଥା, ଏଥିପାଇଁ କଠୋର ତପସ୍ୟା କଲେ। ଦେବୀଙ୍କର ଆବିର୍ଭାବ ହେଲା। ସେଇ ଦେବୀ ବିଷ୍ଣୁପତ୍ନୀ ଲକ୍ଷ୍ମୀ। ତାଙ୍କ ସହ ଦଶମହାବିଦ୍ୟାର ମାତଙ୍ଗୀଙ୍କ ସମାବେଶ ଘଟିଛି। ସେଇ ଦେବୀ କୋଳାସୁରକୁ ବଧ କରିଛନ୍ତି। ସେହିପରି ଦେବୀ ମହାସରସ୍ୱତୀ, ତେଜୋରୂପିଣୀ। ତାଙ୍କର ବ୍ୟାପ୍ତି ସମଗ୍ର ସୃଷ୍ଟିରେ। ସେଇ ସରସ୍ୱତୀ ଶତ୍ରୁ ବିମର୍ଦ୍ଦିନୀ, ଶକ୍ତି ଘାତିନୀ, ଦାନବ ଦର୍ପଦଳିନୀ ଦୁର୍ଗା। ତାଙ୍କରି ହାତରେ ମହିଷାର ନିଧନ। ମାର୍କଣ୍ଡେୟ ପୁରାଣର ଦୁର୍ଗାସପ୍ତଶତୀରେ ଦେବୀ ଯୋଗନିଦ୍ରା ଭାବେ କଥିତ। ଅନନ୍ତ ଶୟନ କାଳରେ ସେ ବିଷ୍ଣୁଙ୍କୁ ବିମୋହିତ କରିଥିଲେ। ମହାନିଦ୍ରା ସ୍ୱରୂପିଣୀ ସ୍ୱୟଂଦେବୀ ମହିଷାକୁ ବଧ କଲେ। ଦେବୀ ମଧ୍ୟ ମହାକାଳୀ। ତାଙ୍କର ଧ୍ୟାନ ମନ୍ତ୍ର – "ଘୋରାଂ ଭୀମ – ପରାକ୍ରମାଂ ଦଶକରୈଃ ଖଡ୍‌ଗେଷୁ ଶୂଳଂ ଗଦାଂ / ଚକ୍ରଂ ପାଶ – ଭୂଶୁଣ୍ଡିକେ ଚ ପରଶୁଂ ଚାପଂ ଶିରୋ ବିଭ୍ରତାମ୍ / ବାଗୀଶାଂ ମଧୁକୈଟଭ – ପ୍ରମଥିନୀଂ ବ୍ରହ୍ମାର୍ଚ୍ଚିହନ୍ତ୍ରୀଂ ପରାଂ / ତ୍ରିଂଶଲୋଚନ – ମଣ୍ଡିତାଂ ଦଶ ମୁଖାଂ ବନ୍ଦେ ମହାକାଳିକାମ୍।" ଦେବୀଙ୍କର ଉକ୍ତ ରୂପଟି ଅତି ଭୟଙ୍କର।

ଶକ୍ତି ପୀଠମାନଙ୍କରେ ଦେବୀ ଦୁର୍ଗାଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ। ସେହିପରି ମା'ଙ୍କର ମୃଣ୍ମୟୀ ପ୍ରତିମା ଉପାସନା କରିବାର ବିଧି ରହିଛି। ଏହା ତ୍ରୟଦିନାତ୍ମକ – ଅଷ୍ଟମୀ, ନବମୀ, ଦଶମୀ। ଚଇତ୍ର ଶୁକ୍ଳ ଅଷ୍ଟମୀ ମହାଷ୍ଟମୀ, ସେହିପରି ମହାନବମୀ, ଦଶମୀ ହେଉଛି ଦଶହରା। ଅଗ୍ନିପୁରାଣରେ ଦେବୀଙ୍କ ପ୍ରତିମା ସମ୍ପର୍କରେ ସୂଚନା ମିଳେ। ସେଇ ଦେବୀ; ତାଙ୍କ ଦକ୍ଷିଣ ହସ୍ତରେ ଶୂଳ, ଖଡ୍ଗ, ଶକ୍ତି, ଚକ୍ର, ପାଶ, ଖେଟ, ଆୟୁଧ, ଅଭୟ, ଡମ୍ବରୁ। ବାମହସ୍ତରେ ନାଗପାଶ, କୁଠାର, ଅଙ୍କୁଶ, ପାଶ, ଘଣ୍ଟା, ଆୟୁଧ, ଗଦା, ଦର୍ପ, ମୁଦ୍‌ଗର। ବିକଳ୍ପରେ ଦେବୀ ମଧ୍ୟ ଦଶଭୁଜା। ଏହି ମୂର୍ତ୍ତି ହିଁ ମୃଣ୍ମୟୀ ମୂର୍ତ୍ତି ଦୁର୍ଗାଙ୍କର। ତାଙ୍କ ପାଦ ତଳେ ଛିନ୍ନ ମହିଷାର ମସ୍ତକ। ମହିଷାସୁର ହସ୍ତରେ ଉତ୍ତୋଳି ଅସ୍ତ୍ର। ତା' ଗ୍ରୀବାରୁ ପ୍ରକଟିତ ପୁରୁଷ ଜଣେ। ତା' ହସ୍ତରେ ତ୍ରିଶୂଳ, ମୁଖ ରୁଧିରାକ୍ତ। ତା' କଣ୍ଠରେ ମାଳା, ମସ୍ତକରେ କେଶ, ରକ୍ତିମ ଚକ୍ଷୁ। ଦେବୀଙ୍କ ବାହନ ସିଂହ ତା' ରକ୍ତ ପାନ କରୁଛି। ମହିଷା ଗଳାରେ ପାଶ। ଦେବୀଙ୍କ ଦକ୍ଷିଣ ପାଦ ସିଂହ ଉପରେ, ବାମ ପାଦ ମହିଷାର ବକ୍ଷ ଦେଶରେ। ଦେବୀଙ୍କ ତ୍ରିଶୂଳାଘାତ ମହିଷା ବକ୍ଷରେ। ଏହା ସହିତ ଦେବୀଙ୍କ ଦୁଇ ପାଖରେ ଲକ୍ଷ୍ମୀ, ସରସ୍ୱତୀ, ବିଘ୍ନନାଶନ ଗଣେଶଙ୍କ ମୂର୍ତ୍ତି ମଧ୍ୟ ସ୍ଥାପିତ। ଏହି ରୂପେ ଦୁର୍ଗା ଉପାସିତା। ଚଇତ୍ରମାସ ଅଷ୍ଟମୀ ଦେବୀଙ୍କର ଅତିପ୍ରିୟ। ତେଣୁ 'ମହାଷ୍ଟମୀ' ନାମେ ଖ୍ୟାତ। ସେହିପରି ଶିବଙ୍କ ପ୍ରିୟ ନବମୀ, ତିଥିଟି ମହାନବମୀ। ଷଷ୍ଠୀ ତିଥିରେ 'ବିଲ୍ୱବରଣ' ତଥା 'ଦେବୀବୋଧନ'। ମହାଷ୍ଟମୀରେ ସନ୍ଧିପୂଜା, ମା'ଙ୍କୁ ବଳି ନୈବେଦ୍ୟ ଅର୍ପଣ। ମହାନବମୀରେ କୁମାରୀ ପୂଜା, ସେମାନଙ୍କୁ ଭୋଜନ ଦାନ। ଦଶହରା ଦିନ ମା'ଙ୍କ ବିସର୍ଜନ।

ଦୁର୍ଗୋପାସନାର ଷଷ୍ଠୀ ତିଥିରେ ବିଲ୍ୱବରଣ। ଏହାର ଏକ ବିଶେଷ ମହତ୍ତ୍ୱ। ବୈଶାଖ ମାସ ଶୁକ୍ଳ ତୃତୀୟା। ଏ ଦିନ ବିଲ୍ୱବୃକ୍ଷର ଆବିର୍ଭାବ। ଏଥିରେ ଶ୍ରୀଫଳ ଉତ୍ପନ୍ନ ହେଲା। ତତ୍‌କ୍ଷଣାତ୍ ବ୍ରହ୍ମା, ନାରାୟଣ, ଇନ୍ଦ୍ରାଦି ଦେବତାଙ୍କ ସହିତ ଦେବପତ୍ନୀମାନେ, ଠୁଳ ହେଲେ ସେଇ ବୃକ୍ଷ ମୂଳରେ। ଏହି ବୃକ୍ଷ ସ୍ନିଗ୍ଧ ଶିବ ସ୍ୱରୂପ, ସ୍ୱୀୟ ତେଜରେ ଦେଦୀପ୍ୟମାନ, ତ୍ରିଶାଖା ପତ୍ର ପରିଶୋଭିତ ଭଗବାନ ବିଷ୍ଣୁ। ଏହାକୁ ବିଲ୍ୱ, ଶ୍ରୀଫଳ, ମାଣ୍ଡିଲ୍ୟ, ପୁଣ୍ୟ, ଶିବପ୍ରଦ, ପାପଘ୍ନ ପ୍ରଭୃତି ଏକବିଂଶ ନାମରେ ନାମିତ କଲେ। ଏହାର ତିନିଟି ପତ୍ର – ତ୍ରିତୀର୍ଥ। ଊର୍ଦ୍ଧ୍ୱ ପତ୍ରରେ ଶିବ, ବାମପତ୍ରରେ ବ୍ରହ୍ମା, ଦକ୍ଷିଣ ପତ୍ରରେ ବିଷ୍ଣୁଙ୍କର ନିବାସ। ଶ୍ରୀଫଳ ବିଲ୍ୱବୃକ୍ଷ ଦୁର୍ଗାଙ୍କର ମୂର୍ତ୍ତିମନ୍ତ ଭୁକ୍ତି ତୁଲ୍ୟ। ସେଇ ବୃକ୍ଷ ଦେବୀଙ୍କର ଅତି ପ୍ରିୟ। ବିଲ୍ୱପତ୍ର ବିନା ଶିବପୂଜା ହୋଇପାରେନା। ବିଲ୍ୱବୃକ୍ଷର ଏସବୁ ଗୁରୁତ୍ୱ। ସେଇଥିପାଇଁ ବାସନ୍ତିକ ଅବା ଶାରଦୀୟ ଦୁର୍ଗାପୂଜା। ଏଥିରେ ବିଲ୍ୱବରଣ ଏକ ଅନିବାର୍ଯ୍ୟ ବିଧି। ଦେବୀ ମହିଷାକୁ ନବମୀ ତିଥିରେ ନିଧନ କରିଥିଲେ। ସେଥିପାଇଁ ଶକ୍ତିପୀଠମାନଙ୍କରେ ଏ ଦିନ ଦେବୀ ମହିଷାମର୍ଦ୍ଦିନୀ ଭାବେ ପୂଜିତା।

ବାସନ୍ତିକ ଦୁର୍ଗୋତ୍ସବ ଚଇତ୍ର ମାସ ଶୁକ୍ଳପକ୍ଷ ବସନ୍ତ ଋତୁରେ ଅନୁଷ୍ଠିତ। ମାତ୍ର ଶାରଦୀୟ ଦୁର୍ଗୋତ୍ସବ ଆଶ୍ୱିନ ଶୁକ୍ଳପକ୍ଷ, ଶରତ ଋତୁରେ ପାଳିତ। ବାସନ୍ତିକ ଦୁର୍ଗୋତ୍ସବ ବହୁ ପ୍ରାଚୀନ, କାଳ ଶୁଦ୍ଧି ଦୃଷ୍ଟିରୁ ଏହା ଅତି ପବିତ୍ର; କିନ୍ତୁ ଶାରଦୀୟ ଦୁର୍ଗୋତ୍ସବ ଅକାଳରେ ଅନୁଷ୍ଠିତ। ସେଇଥିପାଇଁ ଦୁର୍ଗା 'ଅକାଳବୋଧିନୀ'। ତାଙ୍କୁ ସନ୍ତୁଷ୍ଟ କରାଯାଇ କ୍ଷମା ପ୍ରାର୍ଥନା କରାଯାଏ। ଏହି ସମୟରେ ଦେବୀ ନିଦ୍ରାଗତା। ଆଷାଢ଼ ଶୁକ୍ଳ ଏକାଦଶୀ ଦେବଶୟନ ଏକାଦଶୀ। ଏ ଦିନଠାରୁ ସମସ୍ତ ଦେବଦେବୀ ସୁପ୍ତାବସ୍ଥାରେ। ତା' ପରେ ପାର୍ଶ୍ୱ ପରିବର୍ତ୍ତନ ଭାଦ୍ର ଶୁକ୍ଳ ଏକାଦଶୀରେ। କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଦେବୋତ୍‌ଥାପନ। ଏହାରି ମଧ୍ୟରେ ଆଶ୍ୱିନ ଶୁକ୍ଳାଷ୍ଟମୀ, ଅଶୁଦ୍ଧ କାଳରେ ଶାରଦୀୟ ଦୁର୍ଗାପୂଜା। ଏ ସମ୍ପର୍କରେ ଗୋଟେ ପୌରାଣିକ ତଥ୍ୟ। ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀରାମଚନ୍ଦ୍ର। ଲଙ୍କେଶ ରାବଣଙ୍କୁ ବଧ କରିବା – ତାହା ତାଙ୍କ ସାମର୍ଥ୍ୟ ବାହାରେ। ଏ କଥା ପ୍ରଭୁ ଅନୁଭବ କଲେ। ଶକ୍ତି ବିନା ରାକ୍ଷସ ନିଧନ ଅସମ୍ଭବ। ରାମଚନ୍ଦ୍ର ଦେବୀଙ୍କୁ ନିଦ୍ରାରୁ ଉଠାଇ ପୂଜାର୍ଚ୍ଚନା କଲେ। ରାବଣ ବଧ ବରପ୍ରାପ୍ତ ହେଲେ। ଅକାଳରେ ଦେବୀଙ୍କ ଆରାଧନା ହେତୁ ମା'ଙ୍କୁ ବୋଧକଲେ। ଏ ମତଟି ବଙ୍ଗୀୟ ଧାରାର। ପ୍ରସଙ୍ଗଟି ବଙ୍ଗୀୟ କବି କୃତ୍ତିବାସ କର୍ତ୍ତୃକ ରାମାୟଣରେ ପରିଲକ୍ଷିତ। କଳିକା ପୁରାଣରେ ମଧ୍ୟ ଅନୁରୂପ ସଙ୍କେତ – "ରାମସ୍ୟାନୁଗ୍ରହାର୍ଥାୟ ରାବଣସ୍ୟ ବଧାୟ ଚ ରାତ୍ରାବେବ ମହାଦେବୀ ବ୍ରାହ୍ମଣା ବୋଧିତା ପୁରା।" ମାତ୍ର ଏ ତଥ୍ୟଟି ବଙ୍ଗୀୟ ଧାରାଠାରୁ କିଛି ସ୍ୱତନ୍ତ୍ର। ଦେବୀ ବ୍ରହ୍ମାଙ୍କ ଦ୍ୱାରା ବୋଧିତା ହୋଇ ଲଙ୍କାଗମନ କଲେ। ରାବଣ ନିଧନ ପାଇଁ ରାମ ରାବଣଙ୍କୁ ଯୁଦ୍ଧରେ ନିୟୋଜିତ କଲେ, ହେଲେ ଅନ୍ତର୍ହିତା। ତାହା ଥିଲା ସେଇ ଆଶ୍ୱିନ ଶୁକ୍ଳ ପକ୍ଷରେ। ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଚଇତ୍ର ଶୁକ୍ଳ ଅଷ୍ଟମୀ ଅଶୋକାଷ୍ଟମୀ, ଆଶ୍ୱିନ ଶୁକ୍ଳାଷ୍ଟମୀ ମୂଳାଷ୍ଟମୀ। ଆଶ୍ୱିନ ଶୁକ୍ଳ ପକ୍ଷରେ ପ୍ରଭୁ ରାମଙ୍କର ଦୁର୍ଗାର୍ଚ୍ଚନା। ମାତ୍ର ଚଇତ୍ର ଶୁକ୍ଳ ନବମୀ (ବାସନ୍ତୀକ ମହାନବମୀ)ରେ ଶ୍ରୀରାମଙ୍କର ଜନ୍ମ। ଏ ଦିନଟି ବହୁ ପବିତ୍ର। ଶାରଦୀୟ ଆଉ ବାସନ୍ତୀକ ଦୁର୍ଗା – ଦୁହିଁଙ୍କର ଉପାସନା ସନ୍ଧି ପ୍ରାୟତଃ ଏକପ୍ରକାର। ବାସନ୍ତୀକ ଦୁର୍ଗାପୂଜା ପୁରାଣ ରାଜା ସୁରଥଙ୍କ ଦ୍ୱାରା ପ୍ରବର୍ତ୍ତିତ – ଏ କଥାଟି ବହୁ ଜନ ଦ୍ୱାରା ସ୍ୱୀକୃତ।

ଶାରଦୀୟ ଦୁର୍ଗୋତ୍ସବ ଅତି ଲୋକପ୍ରିୟ। ସମଗ୍ର ଓଡ଼ିଶା ତଥା କୋଲକାତାରେ ମହାଡ଼ମ୍ବରରେ ପାଳିତ ହୁଏ। ଏହା ଏକ ଗଣପର୍ବ। କଟକରେ ବହୁ ଜାକଜମକରେ ପାଳିତ ହୁଏ। ଠିକ୍ ସେମିତି ବଙ୍ଗୀୟ ଶାରଦୀୟ ଉତ୍ସବ। ଏ ପରିପ୍ରେକ୍ଷୀରେ ବାସନ୍ତିକ ଦୁର୍ଗାପୂଜାର ବହୁଳ ପ୍ରଚାର ନାହିଁ। ତଥାପି ଗାଁ ଗହଳିରେ ସ୍ଥାନେ ସ୍ଥାନେ ବହୁ ଆଡ଼ମ୍ବରରେ ପାଳିତ ହୁଏ। ଓଡ଼ିଶାର ପର୍ଶ୍ଚିମାଞ୍ଚଳରେ ବାସନ୍ତୀକ ଦୁର୍ଗୋତ୍ସବ ଅଧିକ ଲୋକପ୍ରିୟ।

ଶାକ୍ତଧର୍ମ ଓଡ଼ିଶାର ଅନ୍ୟତମ ପ୍ରାଚୀନ ଧର୍ମ। ଓଡ଼ିଶାର ସାମାଜିକ, ସାହିତ୍ୟ ପରମ୍ପରା, ଶିଳ୍ପ ସ୍ଥାପତ୍ୟ, ସଂସ୍କୃତି – ସବୁଥିରେ ଶାକ୍ତଧର୍ମର ସ୍ପଷ୍ଟ ନିଦର୍ଶନ। ଓଡ଼ିଶାର ଶାକ୍ତଧର୍ମ ଇତିହାସ ସପ୍ତମ ଅଷ୍ଟମ ଶତାବ୍ଦୀର। ତାହା ତାନ୍ତ୍ରିକ ବୌଦ୍ଧଧର୍ମ ଦେଇ ପ୍ରକାଶ ଲାଭକରିଛି। ପୁରାତନ ତନ୍ତ୍ରପୀଠ ଓଡ଼ିଶା। ଏହାର ନିଦର୍ଶନ ମା' ବିରଜା। ପୁରୀରେ ଶକ୍ତି ଉପାସନା ମଧ୍ୟ ବହୁ ପ୍ରାଚୀନ। ଏଣୁ କଥିତ – "ଉତ୍କଳେ ନାଭିଦେଶଞ୍ଚ ବିରଜାକ୍ଷେତ୍ର ମୁଚ୍ୟତେ / ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।"

ଶକ୍ତି ଉପାସନାରେ ଦୁର୍ଗତିନାଶିନୀ ଦୁର୍ଗାଙ୍କର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ। ଦେବୀ ସନ୍ତୁଷ୍ଟ ହେଲେ ପୃଥିବୀ ହୁଏ ଶସ୍ୟଶାଳିନୀ। ମେଘମାନେ ଠିକ୍ ସମୟରେ ବର୍ଷନ୍ତି। ପ୍ରାଚୁର୍ଯ୍ୟର ଋତୁ ଉତୁରି ଆସେ। ଦୁଷ୍ଟଶକ୍ତି, ପାପଶକ୍ତି ଦୂରୀଭୂତ ହୁଏ। ଧର୍ମ, ଅର୍ଥ, କାମ, ମୋକ୍ଷ – ଏଇ ଚଉବର୍ଗ ଫଳ ପ୍ରଦାନ କରନ୍ତି ମା' ଦୁର୍ଗା। ତାଙ୍କରି ପାଦରେ ସାରା ଜଗତର ଦୟିନୀ – "ଦୁର୍ଗାୟୈ ଦୁର୍ଗପାରାୟୈ ସାରାୟୈ ସର୍ବକାରିଣୈ୍ୟ / ଖ୍ୟାତ୍ୟୈ ତଥୈବ କୃଷ୍ଣାୟୈ ଧୂମ୍ରାୟୈ ସତତଂ ନମଃ। / ଅତି ସୌମ୍ୟାତି ରୌଦ୍ରାୟୈ ନତାସ୍ତସ୍ୟୈ ନମୋ ନମଃ / ନମୋ ଜଗତ୍ ପ୍ରତିଷ୍ଠାୟୈ ଦେବ୍ୟୈ କୃତ୍ୟୈ ନମୋ ନମଃ।"

ଶାକ୍ତଧର୍ମୀୟ ପରମ୍ପରାରେ 'ବାସନ୍ତିକ ଦୁର୍ଗୋତ୍ସବ'ର ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶ୍ରୀଦୁର୍ଗାଙ୍କ ବସନ୍ତ ଋତୁରେ ଧରାବତରଣ, ରସସିକ୍ତ କରିଦିଏ ଓଡ଼ିଶାର ଭକ୍ତିକ ଜନଜୀବନକୁ। ଅସତ୍ୟ ଉପରେ ସତ୍ୟ, ଅନ୍ୟାୟ ଉପରେ ନ୍ୟାୟର ବିଜୟ। ମା' ଦୁଷ୍ଟ ନିବାରଣ, ସନ୍ଥପାଳନର ପ୍ରତୀକ। ସିଂହବାହିନୀ ଦୁର୍ଗା ସୃଷ୍ଟିର ମଙ୍ଗଳକାରିଣୀ।

# କାଳଯମ : ଏ କୃତ୍ରିମ ଜୀବନଶୈଳୀ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ରାଜା ଗୋବିନ୍ଦଚନ୍ଦ୍ରଙ୍କୁ ବୈରାଗ୍ୟର ଦୀକ୍ଷାଦାନ ଦେବାପୂର୍ବରୁ ତାଙ୍କ ମହିୟସୀ ମାତାଙ୍କର ସତର୍କବାଣୀ ଥିଲା – "ବାଛିନେବ କଞ୍ଚା, ରଖିବ ପାଚିଲା – ବାନ୍ଧିନେବ କାଳଯମ ।" ଏବେ ଖୋଦ୍ କାଳଯମ ଆମ୍ଭମାନଙ୍କର କୃତ୍ରିମ ଜୀବନଶୈଳୀ ପାଇଁ ଅଭିଶାପ ପାଲଟିଯାଇଛି । ଯାହାଫଳରେ ମାଡିଆସୁଛି ଭୟଙ୍କର ମହାମାରୀ । ମାନବସମାଜ ପ୍ରତି ବଡ ବିପଦ । ଏହା କୋଭିଡ୍-୧୯ କରୋନା ଠାରୁ ଆହୁରି ଭୟଙ୍କର । ଡିଜିଜ୍ ଏକ୍ସ ଆସୁଛି । ଏହା ୫କୋଟି ଲୋକଙ୍କୁ ମୃତ୍ୟୁମୁଖରେ ପକାଇଦେଇପାରେ । ବ୍ରିଟେନ୍ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଗବେଷଣାନୁଯାୟୀ ଏ ରୋଗ ମଣିଷଠାରୁ ମଣିଷକୁ ବ୍ୟାପିବ । ଏହାର କିଛି ଚିକିତ୍ସା ନାହିଁ ।

ଆଗକୁ ଘନେଇଆସୁଛି ବଡ ଦୁର୍ଦ୍ଦନଦାୟକ ମହାବିଭୀଷିକା । ତା'ର ଶାଗୁଣାଡେଣାର ଛାଇବିସ୍ତାରି ଥରହର କରିଦେବ ଏ ଦୁନିଆକୁ । ୧୯୧୮-୧୯ ଫ୍ଲୁ ମହାମାରୀରେ ବିଶ୍ୱରେ ୫୦ ନିୟୁତ ଲୋକ ପ୍ରାଣ ହରାଇଥିଲେ – ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ । ଏବେ ଯେଉଁ ଡିଜିଜ୍ ଏକ୍ସ ଆସୁଛି – କେତେଲୋକ ମରିବେ କହିହେଉନି। ବିଶେଷଜ୍ଞମାନେ କହୁଛନ୍ତି ୫ କୋଟିରୁ ଅଧିକ ହେବ । ଏ ସବୁ କାରଣ ହେଉଛି ଜଗତୀକରଣ ଯୋଗୁ ଗାଁ ଛାଡ଼ି ଲୋକେ ସହରରେ ପ୍ରବେଶ କରିଯାଇଛନ୍ତି । ବିଶ୍ୱତାପମାନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟହେବା, ଆଧୁନିକ କୃଷିପ୍ରଣାଳୀ, ଆଦ୍ରଭୂମୀ ନଷ୍ଟ ହେବାଯୋଗୁ ଭୂତାଣୁମାନେ ଗୋଟିଏ ପ୍ରଜାତିରୁ ଅନ୍ୟ ପ୍ରଜାତିକୁ ସଂକ୍ରମିତ ହୁଅନ୍ତି । ଜୀବଜନ୍ତୁଙ୍କ ଦେହରେ ପ୍ରବେଶକରି ରୋଗ ସୃଷ୍ଟି କରୁଛନ୍ତି। ସଂପ୍ରତି ଭୀଷଣ ତାପମାତ୍ରା ବୃଦ୍ଧିଯୋଗୁ ସ୍ତନପାୟୀ ପ୍ରାଣୀମାନେ ବିଶ୍ୱରୁ ବିଲୁପ୍ତ ହୋଇଯିବେ । ମଣିଷ ମଧ୍ୟ ସ୍ତନପାୟୀ । ସୂର୍ଯ୍ୟରୁ ଅଧିକ ଉତ୍ତାପ ଓ ଅଧିକ ଶକ୍ତି ନିର୍ଗତ ହେଲେ – ପୃଥିବୀ ତତଲା ତାଉଆରେ ଭାଜିହେବ । ପ୍ରାଣୀମାନଙ୍କ ପାଇଁ ଖାଦ୍ୟ, ପାନୀୟ ପରିସ୍ଥିତି ଗମ୍ଭୀର ହୋଇଯିବ । ଉତ୍ତାପ ୫୦ ଡିଗ୍ରୀ ସେଲ୍‌ସିୟସ୍ ହୋଇଗଲେ – ଜୀବଜଗତ ପୋକମାଛିଭଳି ମରିଯିବେ। ସାତ ମହାଦେଶରେ ଏଭଳି ବିପଦ ପଡିବ ।

ବର୍ଷବର୍ଷ ଧରି ବିଶେଷକରି ବିଂଶ ଶତାବ୍ଦୀରେ ଗରମପାଣିରେ ଗାଧୋଇବା ବା ଯେକୌଣସି ପଦାର୍ଥ ଗରମ କରିବାପାଇଁ ଘରକାନ୍ଥରେ କିମ୍ବା ରୁମ୍‌ରେ ବଏଲର ରଖୁଥିଲେ – ଏବେ ତାହା କାଳ ହୋଇଗଲାଣି । ଏହାଦ୍ୱାରା ଘରକାନ୍ଥ ଭୀଷଣ ଗରମ ହୋଇଯାଉଛି । ଏହି ହିଟ୍ ପମ୍ପକୁ ଚଳାଇବାପାଇଁ ଆମେ ଏନର୍ଜି ବ୍ୟବହାର କରୁଛେ । କାରବନ୍ ଡାଇଅକ୍‌ସାଇଡ୍ ବଢିବାରେ ଲାଗିଛି । ଯାହାଫଳରେ ବିଭିନ୍ନ ପ୍ରକାର ଅଜଣା ରୋଗକୁ ଆମେ ନିମନ୍ତ୍ରଣ କରିଆଣୁଛେ। ପୁରୁଣା ରୋଗ ନୂଆ ଅବତାରରେ ଉଭା ହେଲେଣି । ଏବେ ଏ ବିଶ୍ୱରେ ବହୁ ମଣିଷ ଆମିଷଧାରୀ । ବିଭିନ୍ନ ପଶୁକୁ ବନ୍ଧକରି ଭକ୍ଷଣ କରୁଛନ୍ତି । ଏବେ ପଶୁମାନଙ୍କ ରୋଗ ମଣିଷ ଦେହରେ ପ୍ରବେଶ କରୁଛି । ପଶୁମାନଙ୍କୁ ଭୂତାଣୁ ଯେତେ ହଇରାଣ କରେନି – ମଣିଷମାନଙ୍କୁ ଜୀବନରେ ମାରିଦିଏ । ଜଳାବାୟୁ ପରିବର୍ତ୍ତନରେ ମଣିଷ 'ଯେ ଦେଶେ ଯାଇ – ସେ ଫଳ ଖାଇ' ନିୟମରେ ଖାଦ୍ୟ ଖାଇ ରୋଗରେ ପଡୁଛନ୍ତି । ଭାରତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଡେଙ୍ଗୁ, ନିପା, ପ୍ରମୁଖ ରୋଗ ଦେଖାଯାଉଛି ।

ମାତ୍ରାଧିକ ଶିଳ୍ପବିସ୍ତାର ଯୋଗୁ ସବୁଜବଳୟ ବିନଷ୍ଟହୋଇ ପ୍ରଦୂଷଣ ବଢିବାରେ ଲାଗିଛି । ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ । ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ବନ୍ୟା-ବାତ୍ୟା-ମରୁଡି, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ର ଜଳପତନ ବୃଦ୍ଧି ପ୍ରଭୃତିରେ ସମଗ୍ର ବିଶ୍ୱ ଥରହର । ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡିମଟର, କଳକାରଖାନାରୁ ନିର୍ଗତ କାର୍ବନ ଡାଇଅକ୍‌ସାଇଡ୍, ଶକ୍ତି ଉତ୍ପାଦନ ପାଇଁ ଇନ୍ଧନ ଜଳାଇବା ଯୋଗୁ ବାୟୁମଣ୍ଡଳ ପ୍ରଦ୍ୟୁଷିତ । ଏହି ସବୁ କାର୍ଯ୍ୟ ବୃଦ୍ଧି ହେବା ଫଳରେ ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି ହେଉଛି । ସଂକ୍ରାମକ, ଅଣସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି । ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକଦିନ ରଖି ବିକ୍ରି କରିବାପାଇଁ କେମିକାଲ ଦେଇଦିଅନ୍ତି । ସେ ପାନୀୟସବୁ ପାଟିକୁ ମିଠା, ପେଟକୁ ବିଷ ସମାନ । ଆମେ ଖାଦ୍ୟରେ, ପାନୀୟରେ ପ୍ରତିଦିନ ବିଷପାନ କରୁଛେ । ବିଷରଭଣ୍ଡାର ଏ ବିଶ୍ୱ ନିଜର ଭବିଷ୍ୟତହୀନତାକୁ ଭେଟିବାକୁ ଯାଉଛି – ସାମ୍ନାରେ ସେଇ ମହାସନ୍ଧିକ୍ଷଣର ସୂତ୍ରପାତ ପାଇଁ କ୍ଷେତ୍ରପ୍ରସ୍ତୁତ ହୋଇସାରିଲାଣି ।

ଦିନେ ପୃଥିବୀର ସବୁ ବରଫପାହାଡ ତରଳିବ । ହିମାଳୟ ପାଲଟିଯିବ ଶତସିନ୍ଧୁ । ଜଳପ୍ଳାବନ ପ୍ରବାହିତ ହେବ ସଂସାରସାରା ପ୍ରଳୟପ୍ଳାବନ ମଧ୍ୟରେ ନାପତ୍ତା ହୋଇଯିବ ଦିନେ ଭାଗେ ସ୍ଥଳଭାଗର ଏଇ ସୁନ୍ଦର ପୃଥିବୀ । ବୁଡିଯିବ ବନ୍ଧୁଭରା ବସୁନ୍ଧରା । ନାଦବିନ୍ଦୁରେ ବିଲୀନ ହୋଇଯିବ ବିଶ୍ୱମଣ୍ଡଳୀୟ ବୃତ୍ତଟି ଆମର । ପୃଥିବୀ ପାତାଳୀ ହୋଇଯିବ । ବର୍ତ୍ତମାନ ସବୁଠୁ ଭୟଙ୍କର ଇଣ୍ଟରନେଟ୍ ବନ୍ଦ ହୋଇଯାଇପାରେ । ଇଣ୍ଟରନେଟ୍ ବନ୍ଦ ହୋଇଗଲେ, ମୋବାଇଲ୍, କମ୍ପ୍ୟୁଟର, ଲାପଟପ୍, ଅନଲାଇନ୍ ସବୁକିଛି ଠପ୍ ହୋଇଯିବା ମୋବାଇଲ୍ ବନ୍ଦ ହେଲେ ଯୁବକଯୁବତୀମାନେ ପାଗଳ/ପାଗିଳୀ ହୋଇଯିବେ । ବ୍ୟାଙ୍କ୍ ବନ୍ଦ, ଅର୍ଥନୀତି ଠପ୍ ! ବିଶ୍ୱ ଅର୍ଥନୀତି ହେବ ବିପର୍ଯ୍ୟସ୍ତ। ଆଗକୁ ସୌରଝଡ ମାସମାସଧରି ଲାଗିରହିବାର ସମ୍ଭାବନା ଦେଖାଦେଲାଣି । ଆମେରିକାର 'ନାସା'ଠାରୁ ବିଶ୍ୱର ଯେତେ ନାମଜାଦା ମାନମନ୍ଦିରରେ ବୈଜ୍ଞାନିକବର୍ଗ ଗବେଷଣାରତ ଅଛନ୍ତି – ସେମାନେ ହିଁ ଏପରି ଚୂଡାନ୍ତ ଅପ୍ରୀତିକର ଭବିଷ୍ୟବାଣୀ ଶ୍ରୁତିଗୋଚରୀଭୂତ କରାଉଛନ୍ତି ।

ନିପୀଡିତ ନିଃସ୍ୱର ନିଃଶ୍ୱାସରେ ବିଶ୍ୱ ଜଳିବାକୁ ଯାଉଛି । ଯେତେଯାହା କଲେବି ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ହତ୍ୟା କରାଯାଇପାରେନା । ବିଶ୍ୱର ସବୁଦେଶ, ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପ୍ରମୁଖ ପ୍ରତିନିଧିମାନେ ବିଶ୍ୱର ଏ ସଂକଟକୁ ମୁକାବିଲା କରିବାପାଇଁ କୌଣସି ସୂତ୍ର ବାହାର କରିପାରୁନାହାଁନ୍ତି ଭୋକ ଓ ରୋଗ ଦୁଇଟା ଛୋଟ ଶବ୍ଦ – ଏ ଶବ୍ଦକୁ ଲୋପ କରିବାକୁ କୌଣସି ପରମାଣୁ ବୋମା ସୃଷ୍ଟି ହୋଇନି । କେବଳ ଯୁଦ୍ଧପାଇଁ ମଣିଷ ମାରିବାପାଇଁ ପରମାଣୁ ବୋମା ସୃଷ୍ଟି ହୋଇଛି । ଏଇ ବିଶ୍ୱରେ ୫୦୦ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ ଅଜସ୍ର ଭବିଷ୍ୟତବାଣୀ ଶୁଣାଇଥିଲେ । ବହୁଳାଂଶରେ ତାହା ସତ୍ୟ ସାବ୍ୟସ୍ତ ହୋଇଛି। ସେଥିପାଇଁ ତାଙ୍କୁ ସାରାସଂସାର ଭବିଷ୍ୟତବାଣୀର ମହାନ୍ ସ୍ରଷ୍ଟା ଭାବରେ ମଧ୍ୟ ମାନେ। ଆମ ଭାରତରେ ଅନେକ ସାଧୁସନ୍ଥ ବାବା ଭବିଷ୍ୟବାଣୀ ଶୁଣାଇଛନ୍ତି। ଏବେ ବାବା ବେଙ୍ଗା ମଧ୍ୟ ନାନା ଭବିଷ୍ୟତବାଣୀ ଶୁଣାଉଛନ୍ତି। ମାତ୍ର ଆମ ଓଡ଼ିଶାଭୂଇଁର ନଜର୍ ଆମେ ଏଡ଼ାଇ ଆସିଛୁ। ୬୦୦ ବର୍ଷ ପୂର୍ବେ ନେମାଳଠାରେ ମହାପୁରୁଷ ହାଡ଼ିବନ୍ଧୁ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ମାଳିକା ଲେଖିଯାଇଛନ୍ତି । ସେଥିପାଇଁ ଘରେ ଘରେ ହାଡ଼ିଦାସ ମାଳିକାର କଥା ଜାଣିଛନ୍ତି। ଏଇ ୨୦୨୩ରେ ବେଶୀ 'ମାଳିକାବଚନ' ଶୁଣାଯାଉଛି । ୨୦୨୩-୨୪ରେ ମହାପ୍ରଳୟ ହେବ। ଏହା ପରେ ୧୨ ଘଣ୍ଟା ବାଦ – ପୃଥିବୀ ଭୁଶୁଡ଼ିପଡ଼ିବ ବୋଲି କାଳେ ମାଳିକାରେ ଲେଖାଯାଇଛି। ବୈଜ୍ଞାନିକମାନେ ବି ଭୟଙ୍କର ଭୂମିକମ୍ପର ସୂଚନା ଦେଲେଣି। ଆମେରିକାର 'ନାସା' ସଂସ୍ଥା କହୁଛି - ଏଇ ୨୦୨୪-୨୫ ମଧ୍ୟରେ ଘୋର ଅନ୍ଧକାର ହେବ। ମାଳିକା ଆଗରୁ କହିଛି - ସାତଦିନ ସାତରାତି ଅନ୍ଧାର ହେବ - ସୂର୍ଯ୍ୟ ଦେଖା ଦେବେନି। ଆଉ ମାଳିକାରେ ଅଛି – ବାଇଶି ପାହାଚେ ଖେଳିବ ମୀନ। ଏ କଥା ବି ବୈଜ୍ଞାନିକମାନେ ସତର୍କ କରିଦେଲେଣି ଯେ ସମୁଦ୍ର ମାଡ଼ିଯାଇ ପୁରୀ, ବମ୍ବେ, କଲିକତା, ଚେନ୍ନାଇ ପ୍ରମୁଖ ସମୁଦ୍ରକୂଳିଆ ଅଞ୍ଚଳ ବୁଡ଼ିଯିବ। ଆଉ ଏଥିସହିତ ନୂଆନୂଆ ଅଚିହ୍ନା ଅଜଣା ରୋଗ ମାଡ଼ିଆସୁଛି – ଆଗକୁ ଲୋକେ ପୋକମାଛି ଭଳି ମରିଯିବେ। ଜଳବାୟୁ ବିଗିଡ଼ିଗଲାଣି। ମାତ୍ରାଧିକ ଶିଳ୍ପବିସ୍ତାର ଯୋଗୁ ସବୁଜବଳୟ ବିନଷ୍ଟ ହୋଇ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅସମୟରେ ବୈଶାଖୀ ଝଡ ତୋଫାନରେ କ୍ଷଣିକେ ସବୁ ନାରଖାର। ଆଗକୁ ଭୟଙ୍କର ସମୟ ଆସୁଛି। ଏ ଜୀବ ଦିନେ ଯିବ। ବର୍ତ୍ତମାନ ସମସ୍ତେ ସତ୍ୟ, ଶାନ୍ତି, ଦୟା, କ୍ଷମା, ସ୍ନେହଶ୍ରଦ୍ଧା ମନରେ ଆଣି ମୋହମାୟା, ଲାଭଲୋଭ ତ୍ୟାଗ କରିବାର ସମୟ ଆସିଯାଇଛି।

ବିଶ୍ୱର ବହୁଳାଂଶ ମଣିଷ ଭବିଷ୍ୟତ ବିପଦ ଆଡେ ନଜର ନଦେଇ ବର୍ତ୍ତମାନ କିଭଳି ଭଲରେ କଟାଇବେ – ସେଥିରେ ମାତିଛନ୍ତି ଏ ମହାମାରୀ ଭୟଙ୍କର ବିପଦ ତାଙ୍କ କାନରେ ପଶୁନି କି ଆଖିକୁ ଦେଖାଯାଉନି। ଯାହା ଜଣାଯାଉଛି – ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଓ ଭୋକରେ କ'ଣ ମରିଯିବେ ? ବିଶ୍ୱର କୃତ୍ରିମ ଜୀବନଶୈଳୀ ଏ କାଳଯମକୁ ଡାକିଆଣିବ? ଆମେ କ'ଣ ପ୍ରାକୃତିକ ଜୀବନଶୈଳୀ ଆପଣେଇ ପାରିବାନାହିଁ ? ଏ ସଂପର୍କରେ ଗଭୀର ଚିନ୍ତାଭାବନା କରିବାର ସମୟ ଉପଗତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
Editor : Jayasish Roy
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅପ୍ରେଲ ୨୦୨୪ ସୋମବାର





କେନ୍ଦୁଝର: ଡ୍ରେନ୍ ଉପର କଭରରେ ବିରାଟ ବିରାଟ କଣା, ବିପଦ ଆଶଙ୍କା



ବ୍ୟାଙ୍କ ସମ୍ମୁଖ ରାଜପଥ ପାର୍କିଙ୍ଗ ସ୍ଥଳ ପାଲଟିଛି


ଡହ ଡହ ଖରାରେ ଡ୍ରେନ୍ ଉପରେ ବିଶ୍ରାମ ନେଉଥିବା ଜଣେ ବୃଦ୍ଧ


ଲତାରେ ଆବଦ୍ଧ ହୋଇପଡ଼ିଛି ବିଦ୍ୟୁତ୍ ଖୁଣ୍ଟ (ଫଟୋ: ସୁରଜିତ ନ୍ୟୁଜ୍)

## ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଖଲିଆପାଲି ସ୍ଥିତ ଅଙ୍ଗନବାଡି କେନ୍ଦ୍ର ଠାରେ CRPC, FIR, Bail, Summons and Warrants, Rights of Legal representation, Appeals, Plea Bargaining etc. ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ସଚିବ କୁମୁଦିନୀ ମୁଦୁଲି ଯୋଗ ଦେଇ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ CRPC, FIR, Bail, Summons and Warrants, Rights of Legal representation, Appeals, Plea Bargaining etc. ବିଷୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ପାରା ଲିଗାଲ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା, ଅଙ୍ଗନବାଡି କର୍ମୀ ରାଜେଶ୍ୱରୀ ପଟ୍ଟନାୟକ, ଦିପାନ୍ତରୀ ପାଣ୍ଡେ, ରେବତୀ ମେହେର ଏବଂ ଖଲିଆପାଲି ଗ୍ରାମର ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅନାମ ସାହୁ ଏବଂ ରଞ୍ଜନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## 'କଳା ସଂସ୍କୃତିର ଅବକ୍ଷୟକୁ ନ ରୋକିଲେ ସାମାଜିକ ଅବକ୍ଷୟ ଅବଶ୍ୟମ୍ଭାବି'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଠାରୁ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ବିଶିଷ୍ଟ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସଂଜୀବ କୁମାର ମହାନ୍ତି, ସାମ୍ବାଦିକ ସୌରଭ ପଟ୍ଟନାୟକ, ସମାଜସେବୀ ରଜତ କୁମାର ପଣ୍ଡା, ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବଳାଙ୍ଗୀ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତିର ଅବକ୍ଷୟକୁ ନରୋକିଲେ ସାମାଜିକ ଅବକ୍ଷୟ ଅବଶ୍ୟମ୍ଭାବି ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଏକ ସାଂସ୍କୃତିକ ଆନ୍ଦୋଳନ ଭାବରେ ପ୍ରତିଷ୍ଠିତ ହୋଇପାରିଛି ବୋଲି କହିଥିଲେ । ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ



### ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ

କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅତୀଶ କୁମାର ବେହେରା, ପ୍ରଶାନ୍ତ କୁମାର ପରୀକ୍ଷା, ଜନାର୍ଦ୍ଦନ ମହାନ୍ତ, ରଂଜନ କୁମାର ଦାଶ, ନରେନ୍ଦ୍ର ମୋହନ ସେନାପତି, ବଳରାମ ବେହେରା, ସନ୍ଦୀପ କୁମାର ନାୟକ, ସଞ୍ଜୟ କୁମାର ନାୟକ, ରାଜୀବ ଲୋଚନ ସେନାପତି, ସାଗରିକା ସେନାପତି, ରଜତ କୁମାର ପଣ୍ଡା, ପ୍ରକାଶ କାଣ୍ଡି, ଡ଼. ଶଶୀଧର ବିଶ୍ୱାଳ, ଡ଼. ଭାଗବତ ଲେଙ୍କା, ସମ୍ବିଧାନ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟାଲେଣ୍ଟ ହଣ୍ଟର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହୋତ୍ସବର ଶେଷ ଦିନରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞର ପୂର୍ଣ୍ଣାହୁତି ସହିତ ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାର ମାନଙ୍କର ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିବା ବେଳେ ମୟୁରଭଞ୍ଜର ପରମ୍ପରିକ ଝୁମର ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା । ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

## ଧର୍ମଶାଳାରେ କଂଗ୍ରେସର ମିଶ୍ରଣ ପର୍ବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଭାବେ କିଶାନ ପଣ୍ଡା ମନୋନୀତ ହେବାପରେ ସଂଗଠନକୁ ସୁଦୃଢ କରିବାରେ ଲାଗିଛନ୍ତି । ଗୁରୁବାର ଦିନ କର୍ମୀଙ୍କ ଗହଣରେ ପ୍ରଭୁ ଗୋକର୍ଣ୍ଣେଶ୍ୱରଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ପରେ କୁମାରୀ ପଞ୍ଚାୟତରେ ଘରେ ଘରେ ବୁଲି ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରି ଲୋକଙ୍କୁ କଂଗ୍ରେସକୁ ଭୋଟ୍ ଦେବା ପାଇଁ ବିଝାଇଥିଲେ । ଏହାପରେ କୁମାରୀ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପର୍ଯ୍ୟବେକ୍ଷକ ଅମିତା ଆଚାର୍ଯ୍ୟ, ବରିଷ୍ଠ ନେତା ବସନ୍ତ କୁମାର ପରିଡ଼ା, ଦୀପକ ବଳ, ନରୋତ୍ତମ ନାୟକ ଯୋଗ ଦେଇଥିଲେ । ସଞ୍ଜୟ ରାଉତଙ୍କ ସମେତ ବହୁ ବିଜେଡ଼ି କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ ।

## ଜହମି ଗ୍ରାମରେ ୨୪ ପ୍ରହର ନାମଯଜ୍ଞ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆଧ୍ୟତ୍ମିକ ପରିବେଶ ମଧ୍ୟରେ ରମ୍ଭା ନିକଟସ୍ଥ ଜହମି ଗ୍ରାମର ଚୈତନ୍ୟ ମଠ ନିକଟରେ ଶ୍ରୀ ରାମ ନବମୀ ତିଥି ଠାରୁ ୨୪ ପ୍ରହର ନାମଯଜ୍ଞ ମହନ୍ତ ପ୍ରେମାନନ୍ଦ ଦାସ (ବେଗୁନିଆପଡା ) ଓ ଦ୍ୱୟ ସହଯୋଗୀ ପ୍ରଫୁଲ କୁମାର ପାଢି, ନୀଳ ରଥଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଚାଲୁ ରହିଛି । ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ବିଜୟ ଚନ୍ଦ୍ର ତ୍ରିପାଠୀ ଓ କର୍ତ୍ତା ରୂପେ ପ୍ରମୋଦ ନାହାକ, ଦମୟନ୍ତୀ ନାହାକ ରହିଛନ୍ତି । ଦିବାରାତ୍ର ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଜହମି, ଡିଆଁଡେଇଁ, ମଧୁରଚୁଆ-୧, ବୁରୁଡି, କଣ୍ଟାପଡା, ଝରେଡି, ବିଟି ନୂଆଁ ଗାଁ, ସିପକୁଦା, ମଧୁରଚୁଆ-୨, ପଣସଡିହ, ସାନ ରାମଚନ୍ଦ୍ରପୁର, ସୁବିଳୟା, ମିଞ୍ଜିଣୀପାଟଣା ଏଯାବତ ସାମିଲ ହୋଇଛନ୍ତି । ଉପଦେଷ୍ଟା ରୂପେ ଚନ୍ଦ୍ରଶେଖର ନାୟକ ରହିଥିବା ବେଳେ ମା' ଭବାନୀ କ୍ଲବ ଜହମି ତଥା ଗ୍ରାମବାସୀ ସଦସ୍ୟ ବୃନ୍ଦ ହେଲେ ସତ୍ୟବାନ ମହାପାତ୍ର, ରାମଚନ୍ଦ୍ର ନାହାକ, ସତ୍ୟବ୍ରତ ନାୟକ, ପ୍ରସନ୍ନ ନାୟକ, ରଞ୍ଜନ ନାୟକ, ହୀନ ମହାପାତ୍ର, ମନୋଜ ନାୟକ ପ୍ରମୁଖ ଶତାଧିକ ଯୁବଗୋଷ୍ଠୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଆଗାମୀ ୧୭ ବର୍ଷ ପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଯୁବଗୋଷ୍ଠୀ ମଧ୍ୟରେ ଆଲୋଚନା ହୋଇଥିବା ଖବର ମିଳିଛି ।

## ଶ୍ରୀଜଙ୍ଗରେ କଂଗ୍ରେସ କର୍ମୀ ବୈଠକ:କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ କର୍ମୀଙ୍କୁ ନିବେଦନ

**ବାଲେଶ୍ୱର, ନ୍ୟୁଜ୍**

ଶୁକ୍ରବାର ଜାତୀୟ କଂଗ୍ରେସ ତରଫରୁ ରେମୁଣା ବ୍ଲକ, ରେମୁଣା ନିର୍ବାଚନ ମଣ୍ଡଳୀ ଶ୍ରୀଜଙ୍ଗ ଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରେମୁଣା ବ୍ଲକ ସଭାପତି ତରୁଣ ଦାସ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ତାଙ୍କ ବକ୍ତବ୍ୟରେ ଗରିବ ଖଟିଖିଆ, ସାଧାରଣ ଲୋକଙ୍କ ସ୍ୱାଧୀନତାକୁ କୁଠାରଘାତ କରାଯାଉଛି । ତାଉପରେ ଚିନ୍ତା କରିବାର ଆବଶ୍ୟକତା ଅଛି ବୋଲି କର୍ମୀମାନଙ୍କୁ କହିଥିଲେ । ଯଦି ରେମୁଣା ବିଧାନ ସଭା ପାଇଁ ସୁଦର୍ଶନ ଜେନାଙ୍କୁ ଓ ବାଲେଶ୍ୱର ସାଂସଦ ପାଇଁ ଶ୍ରୀକାନ୍ତ ଜେନାଙ୍କୁ ଜିତାଇବା ପାଇଁ ଚାହାଁନ୍ତି ତାହେଲେ କେବଳ ବିଜେଡି ଓ ବିଜେପିଙ୍କୁ ପ୍ରଶ୍ନ କରନ୍ତୁ ଏବଂ ପ୍ରତ୍ୟେକ ଲୋକମାନଙ୍କ ପାଖରେ ଶ୍ରୀକାନ୍ତ ଜେନାଙ୍କ ବାଲେଶ୍ୱର ବିକାଶର ଅତୁଳନୀୟ କାର୍ଯ୍ୟର ସୂଚୀକୁ ପହଞ୍ଚାନ୍ତୁ । ସେହିଭଳି ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ କି ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଶ୍ରୀକାନ୍ତ ଜେନା ସାଂସଦ ଓ ମୁଁ ବିଧାୟକ, ଏହି ସମୟରେ ଯେଭଳି ଭାବେ ବାଲେଶ୍ୱର ବିଶେଷ ଭାବେ ରେମୁଣା ଅଞ୍ଚଳର ଅତୁଳନୀୟ ଉନ୍ନତି ହୋଇଥିଲା, ତାହା କେବେ ହୋଇନଥିଲା କି ହୋଇ ନାହିଁ । ଆଉଥରେ ସୁଯୋଗ ଆସିଛି ତେଣୁ ଏ ସୁଯୋଗକୁ ହାତଛଡା କରନ୍ତୁ ନାହିଁ । ଦେଶ ରାଜ୍ୟ ଓ ସମାଜକୁ ବଞ୍ଚାଇବା ପାଇଁ ଆପଣମାନେ ସବୁ କିଛି ଭୁଲି କଂଗ୍ରେସ ଯୋଜନା ରାଷ୍ଟ୍ରୀୟ ସଭାପତି ମଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ନିବେଦନ କରିଥିଲେ । ଏହି ବୈଠକରେ ଯେହେତୁ ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମର ଶ୍ରୀକ୍ଷେତ୍ର ତେଣୁ ଏହି ଶ୍ରୀଜଙ୍ଗ ଗ୍ରାମ ପଞ୍ଚାୟତକୁ ମଦ ମୁକ୍ତ ଗ୍ରାମ ପଞ୍ଚାୟତ ଭାବରେ ସରକାର ଘୋଷଣା କରନ୍ତୁ ବୋଲି ଏହି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଶ୍ରୀକାନ୍ତ ଜେନାଙ୍କ ପ୍ରତିନିଧି ଅକ୍ଷୟ ମଲ୍ଲିକ, ୩୮ ନଂ ଜୋନ୍ ସଭାପତି ପ୍ରଦୀପ ଦାସ, ଜିଲ୍ଲା ଗଣମାଧ୍ୟମ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିକାଶ କୁମାର ଦାସ, ନୂଆପୁର ସରପଞ୍ଚ ଅଟଳ ବିହାରୀ ରାଉତ, ବାସନ୍ତୀ ସାମଲ, କହ୍ନେଇ ପ୍ରଧାନ, ରାମନାରାୟଣ ସତପଥୀ, ହିମାଂଶୁ ଦାସ, ନିରଞ୍ଜନ ବେହେରା, ସମୀୟ ମହାକୁଡ଼, ସୁବ୍ରତ ବାରିକ, ଯୁଗଳ ମହଲ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷ ସମୟରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ପହଞ୍ଚି କର୍ମୀ ମାନଙ୍କ ବିଶେଷ ଭାବେ ମହିଳା କର୍ମୀମାନଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ଶେଷରେ ରାଜେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ବିପଦସଙ୍କୁଳ ଗୃହରେ ଚାଲିଛି ଶିକ୍ଷାଦାନ:କାର୍ଯ୍ୟକାରୀ ହେଉନି ୫-ଟି ରୂପାନ୍ତରିକରଣ ଯୋଜନା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମପଞ୍ଚାୟତ ଜଗନ୍ନାଥପୁର ସ୍ଥିତ ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟ ଏକ ବିପଦ ସଙ୍କୁଳ ଗୃହରେ ଚାଲିଥିବାର ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟକୁ ୫-ଟି ରୂପାନ୍ତରିକରଣ ଯୋଜନାରେ ସାମିଲ କରାଯାଇଥିଲା ବେଳେ ତାହା କାର୍ଯ୍ୟକାରୀ କରାଯାଉନଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟ ଗତ ୧୯୯୬ ମସିହାରେ ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରେ ଦୁଇଟି ଶ୍ରେଣୀରେ ୮୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି । ଛାତ୍ର ଛାତ୍ରୀଙ୍କ ପାଠପଢା ନିମନ୍ତେ ଏହି ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାର ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀମାନେ ଏକ ବିପଦ ସଙ୍କୁଳ ଗୃହରେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଦାନ କରୁଥିବାର ଜଣାଯାଇଛି । ସରକାର ଏହି ବିଦ୍ୟାଳୟର ସମସ୍ୟାକୁ ଆଖିଆଗରେ ରଖି ବିଦ୍ୟାଳୟକୁ ୫-ଟି ରୂପାନ୍ତରିକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ । ଏଥିନିମନ୍ତେ ଅର୍ଥ ମଞ୍ଜୁର ହୋଇଛି । ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୃହ ନିର୍ମାଣ କଣ ପାଇଁ କରାଯାଉନାହିଁ ତାହା ନେଇ ସାଧାରଣରେ ନା ନା କଥା ଶୁଣିବାକୁ ମିଳୁଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ଗୃହ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଛାତ୍ରାଭିଭାବକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରିବେ ।

## ଜିଲ୍ଲା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଟ୍ରାକ୍ଟର ମାଲିକ ତଥା ଜଙ୍ଗଲ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସ୍ୱର୍ଗତ ସୁରେଶ ପଟ୍ଟନାୟକଙ୍କ ବିଧବା ପତ୍ନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଶ୍ରୀ ପଟ୍ଟନାୟକଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପ୍ରକାଶଥାଉକି ଶ୍ରୀ ପଟ୍ଟନାୟକ ସୁବର୍ଣ୍ଣପୁର ଟ୍ରାକ୍ଟର ସଂଘର ଜଣେ ଶୃଙ୍ଖଳିତ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ । ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ । ଟ୍ରାକ୍ଟର ମାଲିକ ସଂଘର କର୍ମକର୍ତ୍ତା ପହଞ୍ଚି ଏହି ପରିବାରକୁ ଆର୍ଥିକ ତଥା ସମବେଦନା ଜଣାଇବା ପ୍ରସଙ୍ଗକୁ ଜିଲ୍ଲାର ବୁଦ୍ଧିଜୀବୀ ବେଶ୍ ପ୍ରଶଂସା କରିଛନ୍ତି । ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ସଭାପତି ଶିବ ନାରାୟଣ ବହିଦାର, ସମ୍ପାଦକ କୁଶଳେଶ୍ୱର ବହିଦାର, ପଦ୍ମନାଭ ମିଶ୍ର ପ୍ରମୁଖ ଅନେକ ସଦସ୍ୟ ଉପସ୍ଥିତ ଥିଲେ । ଟ୍ରାକ୍ଟର ସଂଘ ପ୍ରତିଷ୍ଠା ହେବା ଦିନ ଠାରୁ ଏଭଳି ଅସମୟରେ ଅନେକ ସଦସ୍ୟଙ୍କ ପରିବାରକୁ ସଂଘ କର୍ମକର୍ତ୍ତା ପହଞ୍ଚି ସମସ୍ତ ସହାୟତା ପ୍ରଦାନ କରିଆସୁଥିବା ଜଣାଯାଇଛି ।

## ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ବୌଦ୍ଧବାସୀ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ଗତ କିଛିଦିନ ହେଲା ତାପମାତ୍ରା ୪୨ଡିଗ୍ରୀ ଛୁଇଁଛି । ଅସହ୍ୟ ଖରା ଓ ଗୁଳୁଗୁଳିରେ ଜୀବନ ଯାପନ ଅସ୍ତବ୍ୟସ୍ତ ହୋଇପଡିଛି । ଫଳରେ ସକାଳ ୧୦ଟାରୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି । ଖରାର ପ୍ରକୋପ ବଢୁଥିବାରୁ ୧୦ଟା ପରେ ଲୋକେ ଘରୁ ବାହାରିବା ଅସମ୍ଭବ ହୋଇପଡୁଛି । ଅତ୍ୟନ୍ତ ଜରୁରୀ କାମ ଥିଲେ ଘରୁ ବାହାରିଲେ ଲୋକେ କଳାଚଷମା ଓଦା ଗାମୁଛା ମୁଣ୍ଡରେ ପକେଇ ବାହାରୁଛନ୍ତି । ଅନ୍ୟପଟେ ଲୋକେ ଖରା ଦାଉରୁ ରକ୍ଷା ପାଇବା ପାଇଁ ମୃଦୁ ପାନୀୟ ଜଳ ଓ ଲସି ଦୋକାନରେ ଭିଡ ଜମାଉଛନ୍ତି । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଜଳାଶୟ ଗୁଡିକ ମଧ୍ୟ ଶୁଖିବାରେ ଲାଗିଛି ଯାହାଫଳରେ ଜୀବଜନ୍ତୁ ପାଣି ଟିକେ ପାଇଁ ଡହଳବିକଳ ହେଉଛନ୍ତି । ସେପଟେ ଖରାକୁ ଦୃଷ୍ଟି ଦେଇ ପାଣିପାଗ ବିଭାଗ ଜିଲ୍ଲାକୁ ୟେଲୋ ସଂକେତ ଜାରି କରିଥିବାବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସତର୍କ ସୂଚନା ଜାରିକରିଛି । ଶ୍ରମିକ ମାନଙ୍କ ପାଇଁ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ ନକରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ କେତେକ ସ୍ଥାନରେ ଏହି ନିର୍ଦ୍ଦେଶକୁ ଫୁ' କରାଯାଇଥିବା ଦେଖିବାକୁ ମିଳିଛି । ଉଦୁଉଦିଆ ଖରାରେ ମଧ୍ୟ ଏହି ଶ୍ରମିକମାନେ କାମ କରୁଛନ୍ତି । ତେଣୁ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହି ଖରା ଆହୁରି ୨ ଦିନ ଜିଲ୍ଲାରେ ଜାରିରହିବ ବୋଲି ପାଣିପାଗ ସୂତ୍ରରୁ ସୂଚନା ଦିଆଯାଇଛି ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ସଂପୃକ୍ତ ଯୁବକକୁ କେନ୍ଦୁଝର ସଦର ପୋଲିସ ଗିରଫକରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ରାଇସୁଆଁ ପାତ୍ରସାହିର ୨୨ବର୍ଷ ବୟସ୍କ ପିଣ୍ଟୁ ପାତ୍ର । ମିଳିଥିବା ସୂଚନା ଅନୁସାରେ, ମୟୁରଭଞ୍ଜ ଜିଲ୍ଲା ଉଦଳାର ରାଣୀ (ଛଦ୍ମନାମ)ଙ୍କ ସହିତ ପିଣ୍ଟୁ କିଛିଦିନ ହେବ ବନ୍ଧୁତ୍ୱ ସ୍ଥାପନ କରିଆସୁଥିଲେ । ମଉକା ଦେଖି ରାଣୀଙ୍କୁ ଏକାନ୍ତ ସ୍ଥାନକୁ ନେଇ ପିଣ୍ଟୁ ତାଙ୍କସହ ଦୁଷ୍କର୍ମ କରିଥିଲା । ଏହି ସଂକ୍ରାନ୍ତରେ ପୀଡିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଏସଆଇ ଦିଲ୍ଲୀପ ମୁର୍ମୁ ଏକ କେସ୍‌ନଂ ୨୮୧/୨୦୨୪ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ପୀଡିତାଙ୍କ ନିକଟରୁ ବୟାନ ରେକର୍ଡ କରିବାପରେ ଅଭିଯୁକ୍ତ ପିଣ୍ଟୁକୁ ଗିରଫକରି ପୋଲିସ କୋର୍ଟଚାଲାଣ କରିଛି ।

**ସେକାଳ ରାଜନୀତି, ଆଉ ଏବର ରାଜନୀତି**

## ଗୋଟିଏ ଦଳରେ ଜୀବନ କାଟିଥିଲେ ପୂର୍ବତନ ବିଧାୟକ ରବି ଲାବଣ୍ୟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ବିଭିନ୍ନ ଦଳରେ ଦଳ ବଦଳ ଆରମ୍ଭ ହୋଇଥିବା ବେଳେ ବହୁ ବଡ଼ ବଡ଼ ନେତା ଦଳବଦଳ କରୁଥିବା ଦେଖିବାକୁ ମିଳୁଛି । କ୍ଷମତା ଲୋଭରେ ନେତାମାନେ ନିଜର ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ଅନ୍ୟ ଦଳକୁ ଲମ୍ଫ ଦେଉଛନ୍ତି । ଯେଉଁ ନେତାମାନେ ବର୍ଷ ବର୍ଷ ଧରି ପ୍ରତିପକ୍ଷ ଦଳକୁ ପ୍ରଖର ଭାବେ ସମାଲୋଚନା କରୁଥିଲେ ଏବଂ ଗାଳି କରୁଥିଲେ ସେମାନେ ଏବେ ତାଙ୍କ ପ୍ରଶଂସାରେ ଶତମୁଖ ହୋଇପଡୁଛନ୍ତି । ସେତିକି ନୁହେଁ ନୂଆ ଦଳରେ ଯୋଗଦେବା କ୍ଷଣି ଦଳର ନୀତି ଆଦର୍ଶକୁ ନିଜର ନୀତି ଆଦର୍ଶ ବୋଲି କହିବା ସହିତ ଗୋଟାପଣେ ଦଳର ବୋଲି ନିଜକୁ ସାବ୍ୟସ୍ତ କରୁଛନ୍ତି । ଏଥିସହିତ ପୁରୁଣା ଦଳର ମୁଖିଆକୁ ତତ୍କାଳ ଗାଳି କରିବା ଆରମ୍ଭ କରିଦେଉଛନ୍ତି । ଏସବୁକୁ ଦେଖି ବୁଦ୍ଧିଜୀବୀ ଠାରୁ ଆରମ୍ଭ କରି ସାଧାରଣ ଜନତା ହତବାକ୍ ହୋଇପଡିଲେଣି । କର୍ମୀମାନେ ଇଚ୍ଛା ନଥିଲେ ବି ବାଧ୍ୟ ହୋଇ ଦଳ ବଦଳକାରୀ ନେତାଙ୍କ ପଛେ ପଛେ ଯାଉଛନ୍ତି । ଦଳ ବଦଳ କରିବାର ଏକମାତ୍ର ଲକ୍ଷ୍ୟ ହେଲା ଯେକୌଣସି ମତେ ବିଧାୟକ, ସାଂସଦ ହେବା କିମ୍ବା କ୍ଷମତା ହାସଲ କରିବା । ଦଳବଦଳକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ରାଜନୈତିକ ସହଯୋଗୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ପ୍ରବଳ ଘୃଣା କରୁଥିଲେ । ସେ ଦଳବଦଳକାରୀଙ୍କୁ ରାଜନୈତିକ ବେଶ୍ୟା ବୋଲି ଅଭିହିତ କରୁଥିଲେ । ସେ ନିଜେ ବାରମ୍ବାର ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ନିଜ ଜୀବନ କାଳରେ କେବେ ଦଳ ବଦଳ କରିନଥିଲେ । ଯେଉଁଥିପାଇଁ ତାଙ୍କ କଥା ଏବଂ ଆଦର୍ଶକୁ ନେଇ ଏବେ ସବୁଠି ଚର୍ଚ୍ଚା ହେଉଛି । ସ୍ୱର୍ଗତ ଲାବଣ୍ୟ ୧୮ ବର୍ଷ ବୟସରେ ସୀମା ଆନ୍ଦୋଳନରେ ଯୋଗଦେଇ ଛାତ୍ର ରାଜନୀତି ଆରମ୍ଭ କରିଥିଲେ । କଟକ ଷ୍ଟିୱାର୍ଟ, ଖ୍ରୀଷ୍ଟ ମହାବିଦ୍ୟାଳୟ ଏବଂ ଗରିମାମୟ ରେଭେନ୍ସା କଲେଜ ଛାତ୍ର ସଂସଦ ସଭାପତି ହେବାର ଗୌରବ ଅର୍ଜନ କରିଥିଲେ । ବିଜୁ ପଟ୍ଟନାୟକଙ୍କୁ ନିଜର ଗୁରୁ ବୋଲି ଗ୍ରହଣ କରି ଉତ୍କଳ କଂଗ୍ରେସରୁ ସକ୍ରିୟ ରାଜନୀତି ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଓଟିଏମ, କଳିଙ୍ଗ ଟିୟୁବ୍‌ସ ଏବଂ ପାରାଦୀପ ପୋର୍ଟ ୟୁନିୟନ୍‌ର ଶ୍ରମିକ ନେତା ଭାବେ ସେ ଖ୍ୟାତିଲାଭ କରିଥିଲେ । ୧୯୭୭ରେ ଥରକ ପାଇଁ ସେ ଧର୍ମଶାଳାର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୧୯୮୦ ରୁ ଲଗାତାର ଭାବେ ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ସେ ଟିକେଟ ପାଇଁ ଆବେଦନ କରିଥିଲେ ମଧ୍ୟ ସେ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ । ଜଣେ ସଚ୍ଚୋଟ ରାଜନେତା ହୋଇଥିବାରୁ ତାଙ୍କୁ ଘୋର ଅଭାବ ଅନାଟନରେ ଚଳିବାକୁ ପଡୁଥିଲା । ତାଙ୍କର ଦୁର୍ଦ୍ଦଶା ଦେଖି ତାଙ୍କ ଶ୍ୱଶୁର ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ତାଙ୍କୁ ଅନ୍ୟ ଦଳକୁ ଯିବାକୁ ପରାମର୍ଶ ଦେବାରୁ ସେ ରାଗରେ କିଛିଦିନ ପାଇଁ ଶ୍ୱଶୁର ଘର ସହିତ ସମ୍ପର୍କ ଛିନ୍ନ କରି ଦେଇଥିଲେ । ତାଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ହେବାପାଇଁ ଅଫର ଆସିଥିଲେ ମଧ୍ୟ ତାହାକୁ ସେ ପ୍ରତ୍ୟାଖାନ କରିଦେଇଥିଲେ । ଦଳୀୟ କର୍ମୀ ଏବଂ ଅନୁଗତ ମାନେ ତାଙ୍କୁ ଦଳବଦଳ କରିବାକୁ ବହୁ ସମୟରେ ତାଙ୍କ ଉପରେ ଚାପ ପକାଉଥିଲେ । ବିଜୁବାବୁଙ୍କ ମୃତ୍ୟୁ ପରେ ବିଜୁ ଜନତା ଦଳ ଗଠନରେ ସେ ସକ୍ରିୟ ଅଂଶଗ୍ରହଣ କରିବା ସହ ଏହାର ପ୍ରତିଷ୍ଠାତା ସଭ୍ୟ ଥିଲେ । ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଗତି ଦଳ, ଲୋକ ଦଳ, ଜନତା ପାର୍ଟି ଆଦି ଦଳ ଗଠନ ହୋଇଥିଲା ବେଳେ ସେ ସେଥିରେ ସାମିଲ ହୋଇଥିଲେ । ମୋର ନବୀନ ନିବାସରେ ଜନ୍ମ ଏବଂ ନବୀନ ନିବାସରେ ମୋର ମୃତ୍ୟୁ ହେବ ବୋଲି ସେ ସର୍ବଦା କହୁଥିଲେ । ବିଧାୟକ ହେବା ପାଇଁ ମୁଁ ରାଜନୀତି କରୁନାହିଁ ମୁଁ ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ନେଇ ରାଜନୀତି କରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଲେଖି ଜଣାଇ ଦେଇଥିଲେ । ସେ ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ବିଜୁ ପରିବାରରେ ରହି ରାଜନୀତି କରି ଆସିବା ସହିତ ଗତ ଅକ୍ଟୋବର ୩୦ରେ ୮୬ ବର୍ଷରେ ତାଙ୍କର ପରଲୋକ ହୋଇଅଛି । ଦୀର୍ଘ ୬୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗୋଟିଏ ଦଳରେ ରହି ରାଜନୀତି କରି ଆସି ସେ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି । ଏବେ ତାଙ୍କ ରାଜନୈତିକ ଜୀବନ, ଆଦର୍ଶକୁ ନେଇ ସବୁଠି ଚର୍ଚ୍ଚା ଆଲୋଚନା ହେଉଛି ।

## ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ସ୍ୱର ଦିବସ ପାଳିତ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ସ୍ୱର ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସରେ ମଙ୍ଗଳବାର ସ୍ୱର ଜନିତ ସମସ୍ୟା ଥିବା ରୋଗୀମାନଙ୍କର ମାଗଣାରେ ସ୍ୱରଯନ୍ତ୍ରର ପରୀକ୍ଷା କରାଯାଇଛି । ହସ୍ପିଟାଲ୍‌ର କର୍ଣ୍ଣ, ନାସା ଓ ଗଳା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ସ୍ୱର ପେଟିକା ଏଣ୍ଡୋସ୍କୋପି ମାଧ୍ୟମରେ ରୋଗୀମାନଙ୍କର ମାଗଣା ଚିକିତ୍ସା କରାଯାଇ କେତେକଙ୍କ କ୍ଷେତ୍ରରେ ସ୍ୱରନଳୀରେ କ୍ୟାନ୍ସରର ଲକ୍ଷଣ ଆଗୁଆ ଚିହ୍ନଟ ହୋଇଥିବା କହିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଖଗେଶ୍ୱର ରାଉତ । ସ୍ୱରରେ କୌଣସି ପରିବର୍ତ୍ତନ ଆସିଲେ ଏହା ଯେ ସ୍ୱରଯନ୍ତ୍ରରେ କ୍ୟାନ୍ସରର ସମ୍ଭାବନା ହୋଇପାରେ ଏହି ସୂଚନା ପ୍ରଦାନ କରେ । ବିଶ୍ୱ ସ୍ୱର ଦିବସ ପାଳନ ଦ୍ୱାରା ଏହି ବାର୍ତ୍ତା ଲୋକଙ୍କୁ ପ୍ରଦାନ କରିବା ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ଧୂମ୍ରପାନ, ଗୁଟ୍‌କା ସେବନ ଓ ମଦ୍ୟପାନ କରୁଥିବା ଲୋକଙ୍କ କ୍ଷେତ୍ରରେ ଏହାର ସମ୍ଭାବନା ଅଧିକ ବୋଲି ଡାକ୍ତର ରାଉତ କହିଛନ୍ତି । ବୃଦ୍ଧାବସ୍ଥାରେ ଥିବା ଲୋକମାନଙ୍କ କ୍ଷେତ୍ରରେ ଏହି କ୍ୟାନ୍ସରର ସମ୍ଭାବନା ରହିଥିବା ବେଳେ ନିଜ ସ୍ୱର ପେଟିକାକୁ ଅଧିକ ମାତ୍ରାରେ ବ୍ୟବହାର କରୁଥିବା ଶିକ୍ଷକ, ଆଇନଜୀବୀ, ଗାୟକ ଏବଂ ବୁଲା ବିକାଳୀମାନଙ୍କ କ୍ଷେତ୍ରରେ ଏହି କ୍ୟାନ୍ସରର ଅଧିକ ବିପଦ ରହିଛି ବୋଲି ସେ କହିଛନ୍ତି । ତେବେ ଏହି ରୋଗର ଆଗୁଆ ଚିହ୍ନଟ ଦ୍ୱାରା ଉପଯୁକ୍ତ ଚିକିତ୍ସା ହୋଇପାରିବା ସହ ଏହାର ଚିକିତ୍ସା ଓ ପରୀକ୍ଷଣ ପାଇଁ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ବୋଲି ଡାକ୍ତର ରାଉତ କହିଛନ୍ତି । କାର୍ଯ୍ୟକ୍ରମରେ ଡାକ୍ତର ରାଉତଙ୍କ ସମେତ ଡାକ୍ତର ସ୍ମୃତି ରଞ୍ଜନ, ଡାକ୍ତର ବିବେକାନନ୍ଦ ଆଚାର୍ଯ୍ୟ, ଡାକ୍ତର ଶୁଭ୍ରା ପ୍ରଧାନ, ଡାକ୍ତର ଅରୋଦୀପ ଲୁଥାର ଓ ଡାକ୍ତର ପରେଶ ଗିରି ଉପସ୍ଥିତ ଥିଲେ ।

# ଚାଇନିଜ ଗ୍ରାଁ ପ୍ରି ଜିତିଲେ ମ୍ୟାକ୍ସ ଭର୍ଷ୍ଟାପେନ



**ସାଂଘାଇ**

ତିନି ଥର ବିଶ୍ୱବିଜେତା ରେଡ ବୁଲ୍ ରେସର ମ୍ୟାକ୍ସ ଭର୍ଷ୍ଟାପେନ ଚାଇନିଜ ଗ୍ରାଁ ପ୍ରିରେ ବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ସାଂଘାଇ ଅନ୍ତର୍ଜାତୀୟ ସର୍କିଟ୍‌ରେ ଆୟୋଜିତ ଏହି ୧୯ ଲ୍ୟାପ୍ ବିଶିଷ୍ଟ ଗ୍ରାଁ ପ୍ରିରେ ଭର୍ଷ୍ଟାପେନ ନିଜ ନିକଟତମ ପ୍ରତିଦ୍ୱ-ନ୍ଦ୍ୱୀ ମର୍ସିଡିଜ୍‌ର ଲୁଇସ ହାମିଲଟନ୍‌ଙ୍କୁ ୧୩.୦୪୩ ସେକେଣ୍ଡ୍‌ରେ ପଛରେ ପକାଇ ବିଜେତା ଟ୍ରଫି ଜିତି ନେଇଥିଲେ। ଏହି ବିଜୟ ସହ ତୃତୀୟ ସ୍ଥାନରେ ରହିଥିବା ସାଥୀ ରେସର୍ ସର୍ଗିଓ ପେରେଜ୍‌ଙ୍କଠାରୁ ଚାମ୍ପିଅନସିପ୍ ପଏଣ୍ଟ୍ ବ୍ୟବଧାନକୁ ୧୫କୁ ବଢ଼ାଇଛନ୍ତି। ଏହି ଘଟଣା ବହୁଳ ରେସ୍‌ରେ ମ୍ୟାକଲରିନ ଦଳର ଲାଣ୍ଡୋ ନୋରିସ ପୋଲ ପୋଜିସନ୍‌ରୁ ପ୍ରତିଦ୍ୱ-ନ୍ଦ୍ୱିତା ଆରମ୍ଭ କରିଥିଲେ। ହେଲେ ମୁଖ୍ୟ ରେସ୍ ବେଳେ ଖରାପ କରି ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ଅନ୍ୟପକ୍ଷରେ ଚତୁର୍ଥ ସ୍ଥାନରୁ ମୁଖ୍ୟ ରେସ୍ ଆରମ୍ଭ କରିବା ସତ୍ତ୍ୱେ ଭର୍ଷ୍ଟାପେନ ଚମତ୍କାର କାର୍ ଚାଳନାର ପରିଚୟ ଦେଇ ପ୍ରଥମ ସ୍ଥାନରେ ରହିଥିଲେ। ୭ଥର ବିଶ୍ୱ ବିଜେତା ହାମିଲଟନ ଦ୍ୱିତୀୟ ସ୍ଥାନରେ ରହିବା ସ ତ୍ତ୍ୱ ନିଜ ପ୍ରଦର୍ଶନରେ ସନ୍ତୋଷ ଜାହିର କରିଛନ୍ତି। ଋତୁର ପ୍ରଥମ ଟପ୍ ଥ୍ରୀ ଫିନିସ୍ ପାଇଥିବାରୁ ମୁଁ ବହୁତ ଖୁସି ବୋଲି ରେସ୍ ପରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ହାମିଲଟନ୍।

# ଶେଷ ବଲ୍‌ରେ ଆରସିବିଠାରୁ ମ୍ୟାଚ୍ ଛଡ଼ାଇନେଲା କେକେଆର୍

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୪ର ୩୬ତମ ମ୍ୟାଚ୍ ରୋମାଞ୍ଚକର ହୋଇଛି। ଏହି ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ କୋଲକାତା ୧ ରନ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ବେଙ୍ଗାଲୁରୁ ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଅତିଥି ଟିମ୍ ୨୦ ଓଭର ଖେଳି ୨୨୧ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା। ଅନ୍ୟପଟରେ ବେଙ୍ଗାଲୁରୁ ଟିମ୍ କ୍ରମାଗତ ୬ଷ୍ଠ ଥର ପାଇଁ ପରାଜିତ ହୋଇଛି।

ବିରାଟ କୋହଲି ଓ ଫାଫ୍ ଡୁ ପ୍ଲେସିସ୍ ପାଳି ଆରମ୍ଭ କରିଥିଲେ। ୱିଲ୍ ଜ୍ୟାକ୍ସ (୫୫ ରନ୍) ଓ ରଜତ ପାଟିଦାର (୫୨) ରନ୍ କରିଥିଲେ। ସୂର୍ଯ୍ୟାଂଶ ପ୍ରଭୁଦେଶାଇ ୨୪ ରନ୍, ଦିନେଶ କାର୍ତ୍ତିକ ୨୫ ରନ୍ କରିଥିଲେ।

ବେଙ୍ଗାଲୁରୁ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଘରୋଇ ଟିମ୍ କୋଲକାତା ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା।



କୋଲକାତା ପାଇଁ ଅଧିନାୟକ ଶ୍ରେୟସ ଆୟର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୬ଟି ବଲ୍ ଖେଳି ୭ଟି ଚୌକା ଓ ଗୋଟିଏ ଛକା ବଳରେ ୫୦ ରନ୍ କରିପାରିଥିଲେ। କୋଲକାତା ପାଇଁ ଫିଲିପ୍ ସଲ୍ଟ ଓ ସୁନୀଲ ନାରାୟଣ ପାଳି ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୫୬ ରନ୍ ସଂଗ୍ରହ କରିଥିଲେ। ଦଳ ୪.୨ ଓଭରରେ ଫିଲିପ୍‌ଙ୍କୁ ହରାଇଥିଲା। ଫିଲିପ୍ ମାତ୍ର ୧୪ଟି ବଲ୍ ଖେଳି ୭ଟି ଚୌକା ଓ ୩ଟି ଛକା ବଳରେ ୪୮ ରନ୍ ସଂଗ୍ରହ କରିଥିଲେ। ଏହା ପରେ ସୁନୀଲ ମଧ୍ୟ ଆଉଟ୍ ହୋଇ ପାଭିଲିଅନ୍ ଫେରିଥିଲେ। ସେ ୧୫ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୦ ରନ୍ ଯୋଡ଼ିଥିଲେ। କୋଲକାତା ତୃତୀୟ ୱିକେଟ୍ ଭାବେ ଅଙ୍ଗକ୍ରିଶ ରଘୁବଂଶୀ(୩ରନ୍)ଙ୍କୁ ହରାଇଥିଲା। ଭେଙ୍କଟେସ୍ ଆୟର ୮ଟି ବଲ୍ ଖେଳି ୩ଟି ଚୌକା ସହାୟତାରେ ୧୬ ରନ୍ କରିଥିଲେ।

ବେଙ୍ଗାଲୁରୁର ପଞ୍ଚମ ଶିକାର ହୋଇଥିଲେ ଯୁବ ବ୍ୟାଟର ରିଙ୍କୁ ସିଂହ। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ୧୬ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ୨୪ ରନ୍ କରିଥିଲେ। ଆନ୍ଦ୍ରେ ରସଲ ଅପରାଜିତ ୨୭ ରନ୍ ଓ ରମନଦୀପ ସିଂହ ଅପରାଜିତ ୨୪ ରନ୍ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଯଶ ଦୟାଲ ଓ କେମ୍‌ରନ୍ ଗ୍ରିନ୍‌ଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ମହମ୍ମଦ ସିରାଜ ଓ ଲକି ଫରଗୁସନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଚଳିତ ଆଇପିଏଲରେ ସବୁଠାରୁ ଅଧିକ ଡଟ୍ ବଲ୍ ପକାଇଛନ୍ତି ଖଲିଲ ଅହମ୍ମଦ

**ନୂଆଦିଲ୍ଲୀ**



ଏବେ ଭାରତରେ ଇଣ୍ଡିଆନ ପ୍ରିମିୟର ଲିଗ୍ ମହାସମର ଜାରି ରହିଛି। ଏହି ଟି-୨୦ ଫର୍ମାଟ୍ କ୍ରିକେଟ ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନମାନେ ପ୍ରତ୍ୟେକ ବଲ୍‌କୁ ବାଉଣ୍ଡ୍ରି ପାର କରାଇବା ଲକ୍ଷ୍ୟ ନେଇ ପଡ଼ିଆକୁ ପ୍ରବେଶ କରଥାନ୍ତି। ବାସ୍ତବରେ ଆଇପିଏଲର ଚଳିତ ସିଜନରେ ସର୍ବାଧିକ ଡଟ୍ ବଲ୍ ବୋଲିଂ କରିଥିବା ବୋଲର ହେଉଛନ୍ତି ଦିଲ୍ଲୀ କ୍ୟାପିଟାଲସ୍‌ର ଖଲିଲ ଅହମ୍ମଦ, ଯିଏ ଏପର୍ଯ୍ୟନ୍ତ ସିଜିନରେ ୨୮ ଓଭର ବୋଲିଂ କରିଛନ୍ତି, ସେଥିମଧ୍ୟରୁ ୮୩ଟି ବଲ୍ ଡଟ୍ ବଲ୍ ଥିଲା ଅର୍ଥାତ ପ୍ରାୟ ୧୪ ଓଭରରେ ସେ କୌଣସି ରନ ଦେଇନାହାନ୍ତି। ସେହିପରି ଏହି ତାଲିକାରେ ଏମ୍‌ଆଇର ବୋଲର ଜସ୍‌ପ୍ରୀତ ବୁମ୍‌ରା ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ଏପର୍ଯ୍ୟନ୍ତ ୭୯ଟି ଡଟ୍ ବଲ୍ ବୋଲିଂ କରିଛନ୍ତି। ଏଥର ସେ ୨୮ ଓଭର ବୋଲିଂ କରିଛନ୍ତି। ଆଇପିଏଲ ୨୦୨୪ରେ ଏପର୍ଯ୍ୟନ୍ତ ସର୍ବାଧିକ ଡଟ୍ ବଲ୍ ବୋଲିଂ କରିଥିବା ବିଦେଶୀ ବୋଲର ହେଉଛନ୍ତି କାଗିସୋ ରାବାଡ଼ା। ଏପର୍ଯ୍ୟନ୍ତ ସେ ପଞ୍ଜାବ କିଙ୍ଗ୍ସ ପାଇଁ ୭ଟି ମ୍ୟାଚ୍‌ରେ ୨୮ ଓଭର ବୋଲିଂ କରିଛନ୍ତି, ଯେଉଁଥିରେ ସେ ୭୫ଟି ଡଟ୍ ବଲ୍ ବୋଲିଂ କରିଛନ୍ତି। ଚତୁର୍ଥ ସ୍ଥାନରେ ଅଛନ୍ତି ସିଏସ୍‌କେର ତୁଷାର ଦେଶପାଣ୍ଡେ, ଯିଏ ଗତ ସିଜିନର ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଚେନ୍ନାଇ ପାଇଁ ୨୬ ଓଭର ବୋଲିଂ କରିଥିବାବେଳେ ୬୯ଟି ଡଟ୍ ବଲ୍ ବୋଲିଂ କରିଛନ୍ତି।

# ଉଦ୍‌ଯାପିତ ହେଲା ୫୦ତମ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା

**ଭୁବନେଶ୍ୱର**

ପୁରୁଣା ଭୁବନେଶ୍ୱରର ରାମେଶ୍ୱର କ୍ଲବ୍ ପକ୍ଷରୁ ଅନୁଷ୍ଠିତ ୫୦ତମ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତା ବିଜୟ ସହ ଅମିତ କୁମାର ଭୂୟାଁ କଳିଙ୍ଗ କୁମାର ମୁକୁଟ ପାଇଥିବା ବେଳେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ ବାଦଲ ବେହେରା ଭୁବନେଶ୍ୱର କୁମାର ଉପାଧି ପାଇଛନ୍ତି। ରାଜ୍ୟସ୍ତରରେ ବାଦଲ ବେହେରା, ସତ୍ୟନାରାୟଣ ସାହୁ, ପାର୍ଥ ସାରଥି ଜେନା, ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଥିଲେ। ସେହିଭଳି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସୂର୍ଯ୍ୟକାନ୍ତ ପ୍ରଧାନ, ପାର୍ଥ ସାରଥି ଜେନା, ବିନ୍ଦୁସାଗର କଳସ, ପ୍ରମୋଦ କୁମାର ସ୍ୱାଇଁ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ।



ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ରାମେଶ୍ୱର କ୍ଲବ ସଭାପତି ଅଜୟ କୁମାର ଦୀକ୍ଷିତ, ସମ୍ପାଦକ ଦୀପକ ମହାପାତ୍ର, ଉପଦେଷ୍ଟା ମହେଶ୍ୱର ପଣ୍ଡା, ରମେଶ ଚନ୍ଦ୍ର ବାରିକ, ଉପ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ଧୀରାଜ ମହାପାତ୍ରଙ୍କ ତ ାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାରତ କୁମାର, ବିରଜା ପ୍ରସାଦ ଦାସ ମଧ୍ୟ ଅତିଥି ଥିଲେ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ, ରାଜକିଶୋର ମଲ୍ଲିଆ, ଜିତେନ୍ଦ୍ର କୁମାର ଜେନା, କେଦାରନାଥ ରାଉତ ବିଚାରକ ଭାବେ ଏବଂ ଦିବାକର ପ୍ରହରାଜ, ବିନୋଦ ମହାରଣା ଷ୍ଟେଜ ମାର୍ଶାଲ ଦାୟିତ୍ୱ ତୁଲାଇଥିଲେ।

# ପଡ଼ିଆରେ ଅମ୍ପାୟାରଙ୍କ ସହ ଯୁକ୍ତି ତର୍କ କଲେ କୋହଲି

**କୋଲକାତା**



ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ପ୍ରଥମେ ଖେଳୁଥିବା କୋଲକାତା ନାଇଟ ରାଇଡର୍ସ ୨୨୨ ରନ ସ୍କୋର କରିଥିଲା। ବିରାଟ କୋହଲି ଏବଂ ଫାଫ ଡୁ ପ୍ଲେସିସ ଆରସିବି ପାଇଁ ଇନିଂସ ଓପନ କରିବାକୁ ଆସିଥିଲେ, ସେମାନେ ଦଳକୁ ଫ୍ଲାଇଙ୍ଗ ଷ୍ଟାର୍ଟ ଦେଇଥିଲେ। ବିରାଟ କୋହଲି ତୃତୀୟ ଓଭରରେ ଆଉଟ୍ ହେବା କ୍ଷଣି ଏକ ବଡ଼ ବିବାଦ ଉପୁଜିଥିଲା। ହର୍ଷିତ ରାଣା ବୋଲିଂ କରୁଥିଲେ, କିନ୍ତୁ ସେ ଓଭରର ପ୍ରଥମ ବଲରେ ଫୁଲ ଟସ୍ ବୋଲିଂ କରିଥିଲେ। କୋହଲି ଏହାକୁ ଖେଳିଥିଲେ କିନ୍ତୁ କ୍ୟାଚ୍ ଆଉଟ୍ ହୋଇଥିଲେ। କୋହଲି ତୁରନ୍ତ ଡିଆର୍‌ଏସ୍ ଅପିଲ୍ କରିଥିଲେ। ସେ ଭାବୁଥିଲେ ଏହା ନୋ-ବଲ୍ ହୋଇଥାଇପାରେ। କିନ୍ତୁ ଯେତେବେଳେ ଗ୍ରାଫିକ୍ସରେ ଦେଖାଗଲା, ବଲର ଉଚ୍ଚତା ନୋ-ବଲ ଲାଇନ ତଳେ ଥିଲା ଏସବୁ ଦେଖି କୋହଲି ପଡ଼ିଆରେ ଉପସ୍ଥିତ ଅମ୍ପାୟାରଙ୍କ ସହ ଅନେକ ଯୁକ୍ତିତର୍କ କରିଥିଲେ। ରାଗିଯାଇ ପାଭିଲିୟନ୍‌କୁ ଫେରିଥିଲେ। କୋହଲି ପଡ଼ିଆ ଛାଡିବା ପରେ ଆରସିବି ଅଧିନାୟକ ଫାଫ ଡୁ ପ୍ଲେସିସ ମଧ୍ୟ ଅମ୍ପାୟାରଙ୍କୁ ପଚାରିଥିଲେ ଯେ ଏସବୁ କିପରି ହେଲା?

# ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ପଦକ ହାସଲ କଲେ କମାଲ ଦେବୀ, ପ୍ରଭାତୀ ଓ ସୌମ୍ୟପ୍ରଭା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଦେବୀ ସିଂ, ପ୍ରଭାତୀ ସିଂ ଏବଂ ସୌମ୍ୟପ୍ରଭା ଟୁଡୁ। ଏହି ତିନିଜଣ ମହିଳା ପ୍ରତିଯୋଗୀ ଓଡ଼ିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଛନ୍ତି। ୬୩ କେଜି ବର୍ଗରେ ଦେବୀ ସିଂ ବେଞ୍ଚପ୍ରେସ୍‌ରେ ରୌପ୍ୟ ଏବଂ ଡେଡ୍‌ଲିଫ୍ଟରେ ବ୍ରୋଞ୍ଜ, ୫୨ କେଜି ବର୍ଗରେ ପ୍ରଭାତୀ ସିଂ ମୋଟ୍ ଉପରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସ୍କ୍ୱାଟ୍‌ରେ ସ୍ୱର୍ଣ୍ଣ ଓ ଡେଡ୍‌ଲିଫ୍ଟରେ ରୌପ୍ୟ, ୪୭ କେଜି ବର୍ଗରେ ସୌମ୍ୟପ୍ରଭା ଟୁଡୁ ବ୍ରୋଞ୍ଜ ପଦକ ପାଇଛନ୍ତି। ସୂଚନା ଯୋଗ୍ୟ କି ଏହି ମହିଳା ଖେଳାଳିମାନେ ପୂର୍ବରୁ ମଧ୍ୟ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ଥର ସଫଳତା ହାସଲ କରିଛନ୍ତି। ଜିଲ୍ଲା ଶକ୍ତିଉତ୍ତୋଳନ ସଂଘର ସଂପାଦକ ନବ କୁମାର ସାହୁ, ଉପଦେଷ୍ଟା ଗିରିଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସହ ସଂପାଦକ ପରେଶ ମହାନ୍ତ, ସଂଘର କର୍ମକର୍ତ୍ତା ସତ୍ୟବ୍ରତ ବେହେରା, ରାଜେନ୍ଦ୍ର ପରିଡ଼ା, ସୁମିତ କୁମାର ସାହୁ, ନୀତେଶ ବାରିକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କ୍ରୀଡ଼ା ପ୍ରେମୀମାନେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ସଫଳତାକୁ ନେଇ ଜିଲ୍ଲା କ୍ରୀଡ଼ା ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

# କୃଷକ ବଜାର ପ୍ରିମିୟର ଲିଗ୍ କ୍ରିକେଟ୍-୨୦୨୪ ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସହରର ମାଇନିଙ୍ଗ ରୋଡ୍ ସ୍ଥିତ କୃଷକ ବଜାରରେ 'କୃଷକ ବଜାର ପ୍ରିମିୟର ଲିଗ୍-୨୦୨୪' କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କୃଷକ ବଜାର ପ୍ରିମିୟର ଲିଗ୍ ୨୦୨୪ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସ୍ୱୟମ ଏକାଦଶ ସହିତ ରେଡ ରିବେଲ ଏକାଦଶ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱୟମ ଏକାଦଶ ବାଜିମାତ୍ କରିଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଜେପି ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ତଥା ୫ନମ୍ବର ୱାର୍ଡର କାଉନସିଲର ପଙ୍କଜ କୁମାର ଦିବେଦୀ, ସାମ୍ବାଦିକ ବ୍ରଜକିଶୋର ରାୟ, ଯୁବନେତା ପ୍ରିୟବ୍ରତ ଜେନା, ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ବିଜେତା ଦଳକୁ ୧୫ହଜାର ଟଙ୍କା ସହିତ ଟ୍ରଫି ମିଳିବାକୁ ଥିବା ବେଳେ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯିବ ବୋଲି ଆୟୋଜକ ତଥା କେନ୍ଦୁଝର ନଗରର ବିଜେପି ଯୁବମୋର୍ଚ୍ଚାର ଯୁବ ନେତା ଅସିତ ନନ୍ଦନ ମହାନ୍ତି ସୂଚନା ଦେଇଛନ୍ତି। କୃଷକ ବଜାର ପ୍ରିମିୟର ଲିଗ୍ କ୍ରିକେଟ ୨୦୨୪ ର ଆୟୋଜକ ଅସିତ ନନ୍ଦନ ମହାନ୍ତି, ସମ୍ବିତ ପ୍ରଧାନ, ଶାଶ୍ୱତ କବି, ରଞ୍ଜନ କୁମାର ପାତ୍ର, ସନ୍ତୋଷ କୁମାର ମୁଖୀ, ଅମିତ ନାୟକ, ସୌମେନ୍ଦ୍ର ଗିରି, ସତ୍ୟ ଭଞ୍ଜ, ଆକାଶ ବାରିକ, ଦେବେନ୍ଦ୍ର ରାଉତ, ସୁମିତ ନାୟକ, ସତ୍ୟଜିତ ନାଏକ, ଚୈତନ୍ୟ ନାଏକ, ସୌମ୍ୟ ନାଏକ, ପ୍ରଦୀପ ରାଉତ, ରଶ୍ମି ନାଏକ, ଲୋରେନ୍ସ ବେହେରା, ସୁକାନ୍ତ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ଏହି ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି।



# ଭିନେଶ ଫୋଗାଟଙ୍କୁ ମିଳିଲା ଅଲିମ୍ପିକ୍ସ ଟିକେଟ୍

**ନୂଆଦିଲ୍ଲୀ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ ଷ୍ଟାର ରେସଲର ଭିନେଶ ଫୋଗାଟ। ତାଙ୍କୁ ମିଳିଛି ଅଲିମ୍ପିକ୍ସ ଟିକେଟ। ସେ ମହିଳା ବର୍ଗର ୫୦ କେଜି ବର୍ଗରେ ଚଳିତ ବର୍ଷ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସରେ ଲଢ଼େଇ କରିବେ। ଯୋଗ୍ୟତା ପର୍ଯ୍ୟାୟର ସେମି ଫାଇନାଲରେ ଭିନେଶ କାଜାଖସ୍ତାନର ଲାଉରା ଗାନିକୟାଜଙ୍କୁ ୧୦-୦ରେ ପରାସ୍ତ କରିଛନ୍ତି। ସେ ଫାଇନାଲରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ଅଲିମ୍ପିକ୍ସ ଟିକେଟ ମିଳି ଯାଇଛି।



ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆ ଗେମ୍ସ ଚାମ୍ପିୟନ ସେମି ଫାଇନାଲ ଲଢ଼େଇକୁ ମାତ୍ର ୪.୧୮ ମିନିଟରେ ଟେକ୍ନିକାଲ ସୁପେରିଓଟୀ ଜରିଆରେ ଜିତି ନେଇଛନ୍ତି। ଏବେ ଫାଇନାଲ ମ୍ୟାଚ୍‌ରେ ତାଙ୍କର ଲଢ଼େଇ ଉଜ୍‌ବେକିସ୍ତାନର ଆକତେଙ୍ଗେ କେଉନିମଜାଏଭାଙ୍କ ସହ ହେବ। ଆକତେଙ୍ଗେ ଚାଇନିଜ ତାଇପେଇର ମେଙ୍ଗ ହସୁଆନଙ୍କ ୪:୨ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

ବିଗତ ୨ ବର୍ଷ ହେଲା ଭିନେଶ କୁସ୍ତିରୁ ଦୂରେଇ ରହିଥିଲେ। ସେ ଓ ଦେଶର ଆଉ କିଛି ଷ୍ଟାର ରେସଲର କୁସ୍ତି ମହାସଂଘର ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ବିକ୍ଷୋଭ କରୁଥିଲେ। ବ୍ରିଜ ଭୂଷଣ ଅନେକ ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ବିକ୍ଷୋଭ ପରେ ଭିନେଶ ଦୁଇଟି ଓଜନ ବର୍ଗରେ ଟ୍ରାଏଲ୍ସ ଦେଇଥିଲେ। ସେ ୫୦ କେଜି ବର୍ଗର ଟ୍ରାଏଲ ଜିତି ଏସିଆନ ଅଲିମ୍ପିକ୍ସ କ୍ୱାଲିଫିକେସନରେ ଭାଗ ନେଇଥିଲେ। ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରୁ ହିଁ ଭିନେଶ ନିଜର ଦବ୍‌ଦବା ଦେଖାଇ ଚାଲିଥିଲେ।

ରାଉଣ୍ଡ ୧୬ରେ ସେ ପ୍ରଥମେ ଦକ୍ଷିଣ କୋରିଆର ଚେଓନ ମିରାନଙ୍କୁ ୧୦-୦ରେ ହରାଇଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ କାମ୍ବୋଡିଆର ଡିଟ୍ ସାମନାଙ୍କୁ ମାତ୍ର ଗୋଟିଏ ମିନିଟ ବ୍ୟବଧାନରେ ସିଧା ଚିତ୍ କରି ବିଜୟୀ ହୋଇଥିଲେ। ସେମିରେ ମଧ୍ୟ ସେ ଏକତରଫା ଭାବେ ୧୦-୦ରେ ବିଜୟୀ ହୋଇଛନ୍ତି।

# ଆସିକାରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ

**ଆସିକା, ନ୍ୟୁଜ୍‌ବ୍ୟୁରୋ**

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ ହେଉଛି। ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି କଂଗ୍ରେସ ପ୍ରାର୍ଥୀ ସୁରଭି। ସୁରଭି ପ୍ରଥମ କରି କଂଗ୍ରେସରୁ ଆସିକା ବିଧାନସଭା ପ୍ରାର୍ଥୀ ଭାବେ ଲଢୁଥିବା ବେଳେ ଗାଁ ଗାଁ ବୁଲି ଲୋକଙ୍କ ସହ ଯୋଡ଼ିହେଉଛନ୍ତି ସୁରଭି। ଗାଁରେ ମିଳୁଛି କଂଗ୍ରେସ ପ୍ରାର୍ଥୀ ସୁରଭିଙ୍କୁ ବିପୁଳ ସମ୍ବର୍ଦ୍ଧନା। ବାଜାବାଜଣାରେ ଗାଁ ପରିକ୍ରମା କରୁଛନ୍ତି ପ୍ରାର୍ଥୀ ସୁରଭି। ସୁରଭି ରାଜନୀତିରେ ନୂଆ ନୁହଁ କାରଣ ଗତ କିଛି ବର୍ଷ ହେଲା ଲୋକଙ୍କ ସହ ଯୋଡ଼ିହୋଇ ସୁଖ ଦୁଃଖ ବୁଝି ଆସୁଥିବା ସୁରଭିଙ୍କୁ କଂଗ୍ରେସ ଟିକେଟ ଘୋଷଣା ହେବା ପରେ ସୁରଭିଙ୍କୁ ମିଳୁଛି ବିପୁଳ ସମର୍ଥନ। କଂଗ୍ରେସର ଗଡ଼ କୁହାଯାଉଥିବା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଏବେ ବିଜେଡି ହାତରେ। କିନ୍ତୁ ଚଳିତ ସାଧାରଣ ନିର୍ବାଚନ ରେ ପୁଣି କଂଗ୍ରେସ ଗଡ଼ ଫେରି ଆସିବ ବୋଲି କହିଛନ୍ତି ସୁରଭି। ତୃଣମୂଳ ସ୍ତରରେ କଂଗ୍ରେସ କର୍ମୀମାନଙ୍କୁ ଏକତ୍ରିତ କରୁଛନ୍ତି ସୁରଭି।

# ଜାତୀୟ ଉସୁ ଚାମ୍ପିଅନସିପ୍ : ୨ ବ୍ରୋଞ୍ଜ ପଦକ ଜିତିଲେ ପ୍ରିୟବ୍ରତ ଓ ଆହାନା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଗତ ମାସ ୨୬ରୁ ୩୧ ମଧ୍ୟରେ ଜମ୍ମୁକଶ୍ମୀରଠାରେ ଆୟୋଜିତ ୨୩ତମ ଜାତୀୟ ସବଜୁନିଅର ଉସୁ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଜିଲ୍ଲାରୁ ମୋଟ୍ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨ଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳକ ବିଭାଗରେ ତାଉଲୁ ଇଭେଣ୍ଟରେ ପ୍ରିୟବ୍ରତ ପରିଡ଼ା ଓ ବାଳିକା ବିଭାଗରେ ଆହାନା ମହାପାତ୍ର ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉକ୍ତ ଦୁଇଜଣ ବାଳକ ଏବଂ ବାଳିକା ଜିଲ୍ଲା ମାଟିର ଗର୍ବ ଏବଂ ଗୌରବ ଆଣିଛନ୍ତି। ତେଣୁ ଏହି ଦୁଇ ଖେଳାଳିଙ୍କୁ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜର ଉସୁ ସଂଘର ସମ୍ପାଦକ ଈଶ୍ୱର ଚନ୍ଦ୍ର ମହାନ୍ତି ଏହି ଦୁଇ ଖେଳାଳୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉସୁ ସଂଘର ସଦସ୍ୟ ଡମ୍ବରୁଧର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଅଭିଲାଶ ମହାନ୍ତ, ବିଜୟ ମହାନ୍ତ ଓ ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ଉସୁ ସଂଘର ସଭାପତି ମନୀଶଙ୍କର ମହାନ୍ତ ଦୁଇ ଖେଳାଳିଙ୍କୁ ଆଗକୁ ଆହୁରି ଉତ୍ତମ ଖେଳ ପ୍ରଦର୍ଶନ କରି ଆନ୍ତର୍ଜାତୀୟ ସ୍ତରକୁ ପହଞ୍ଚାଇବା ପାଇଁ ଉଦ୍‌ବୋଧନ ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କଲ୍ୟାଣସିଂହପୁର**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହ ପୁର ବ୍ଲକ ବୁଢ଼ାଗୁଡ଼ା ପଞ୍ଚାୟତର କଣ୍ଡାକରା ଗାଁ ନିକଟରେ ଥିବା ପଡ଼ିଆରେ ମା' ଫୁଲକରାଣୀ କ୍ରିକେଟ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ଅମ୍ବିତା କାଡ୍ରାକା, ଉପାଧ୍ୟକ୍ଷ ଡମ୍ବରୁ କଞ୍ଚିକା, କଳା ସଂସ୍କୃତି ଉପସଭାପତି ସନ୍ତୋଷ କୁମାର ବଢ଼ା, ଦୁଖୁ ଗୌଡ଼ ଉପସ୍ଥିତ ରହି ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଜା ସହ କୁମ୍ଭାରଗୁଡ଼ା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କୁମ୍ଭାରଗୁଡ଼ା ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରିଥିଲେ। ୧୨ ଓଭର ମ୍ୟାଚ୍‌ରେ ୪ ଉଇକେଟ ହରାଇ ୧୨୧ରନ କରିଥିଲେ। ସାଜା ଦଳ ୧୨୧ରନର ପିଛା କରି ୧୨ ଓଭରରେ ୭୬ ରନ କରି ପରାସ୍ତ ହୋଇଥିଲେ। ଏହି ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଦଳ ଭାଗ ନେଇଛନ୍ତି।

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

# ମଧୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ : ଦିଗ୍‌ବଳୟ ପତ୍ରିକା ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ସ୍ୱାଭିମାନର ପ୍ରତୀକ ମଧୁବାବୁ, ମଧୁସୂଦନ ଦାସ, ମଧୁ ବାରିଷ୍ଟର, ଉତ୍କଳ ଗୌରବ, ପଗଡ଼ି ପୁରୁଷ ଓ କୁଳବୃଦ୍ଧ ନାମରେ ଓଡ଼ିଶାର ଘରେ ଘରେ ପରିଚିତ ହେବାର ମୁଖ୍ୟ କାରଣ ହେଉଛି ସେ ଭାଷାଭିତ୍ତିକ ଓଡ଼ିଶା ଗଠନର ଅଗ୍ରଗଣ୍ୟ ପୁରୁଷ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିଲେ। ଓଡ଼ିଶା ରାଜ୍ୟର ପୁନରୁଦ୍ଧାର ପାଇଁ ଖଣ୍ଡବିଖଣ୍ଡିତ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପଇଁ ତାଙ୍କର ଅବଦାନ ଓଡ଼ିଆ ଜାତି ଭୁଲି ପାରିବ ନାହିଁ। 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ର ସମିତିର କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଯୋଗଦେଇ ଅତିଥିଗଣ ପ୍ରକାଶକରି କହିଲେ ଯେ ମହାତ୍ମା ଗାନ୍ଧୀଙ୍କ ସହ ମଧୁସୂଦନଙ୍କର ଅତି ଅନ୍ତରଙ୍ଗ ସମ୍ପର୍କ ଥିଲା, ଏପରିକି ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ମଧୁସୂଦନଙ୍କ ବାସଭବନରେ ରାତ୍ରିଯାପନ କରିଥିଲେ। ମଧୁବାବୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ କହିଥିଲେ ଯେ ଯେଉଁ ହାତରେ ମଣିଷ ରୁଟି ଖାଏ ସେଇ ହାତରେ ତାକୁ ଉତ୍ପାଦନ କରିବା ଆବଶ୍ୟକ। ସେହିଭଳି ମଧୁବାବୁ କୃଷି, ଗ୍ରାମ୍ୟ ଶିଳ୍ପ ଓ ଚରଖାକୁ ପ୍ରାଧାନ୍ୟ ଦେଇଥିବାରୁ ମହାତ୍ମା ଗାନ୍ଧୀ ତାଙ୍କୁ ଦ୍ୱିତୀୟ ଟଲଷ୍ଟୟ ଭାବେ ମାନୁଥିଲେ। ମଧୁବାବୁ ଖ୍ରୀଷ୍ଟଧର୍ମରେ ଦିକ୍ଷୀତ ହୋଇଥିଲେ ମଧ୍ୟ ତାଙ୍କ ପାଇଁ ବଡ଼ ଧର୍ମ ଥିଲା ମାନବ ଧର୍ମ ଓ ତାଙ୍କର ଆଧ୍ୟାତ୍ମିକ ଜନନୀ ଥିଲେ ଉତ୍କଳଜନନୀ। ତାଙ୍କ ପାଇଁ ଉତ୍କଳର ଆରାଧ୍ୟ ଦେବତା ଥିଲେ ପ୍ରଭୁ ଜଗନ୍ନାଥ ଓ ସେଥିପାଇଁ ସେ ବ୍ରିଟିଶ୍ ସରକାରଙ୍କର ସହ ଲଢ଼ି ରାଜପରମ୍ପରାକୁ ଶ୍ରୀଜଗନ୍ନାଥ ମନ୍ଦିରରେ ପୁନଃ ପ୍ରଚଳନ କରିଥିଲେ।



ଏହି ସଭାରେ 'ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ'ର ପ୍ରତିଷ୍ଠାତା ପର୍ଶୁରାମ ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। 'ଓଡ଼ିଶା ଲେଖକ ସମବାୟ ସମିତି'ର ଉପ-ସଭାପତି ଡ. ପ୍ରେମଲତା ଦେବୀ, ଗବେଷକ ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଲେଖିକା ଆରତି କର, ଗୋଧୂଳିର ସମ୍ପାଦିକା ବିମଳା ସିଂହ, ପ୍ରଭାତ କୁମାର ନନ୍ଦ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଲେଖକ ରାମ ନାରାୟଣ ମିଶ୍ର, ହୃଷିକେଷ ସେଠୀ, ନିଶାକର ରାଉତ, ସୁଧେନ୍ଦ୍ର ନାରାୟଣ ପତି, ଦୀପ୍ତିରଂଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ଶ୍ରୀବାସ ପ୍ରସାଦ ମହାପାତ୍ର ଓ ଅଲେଖ ଚନ୍ଦ୍ର ମିଶ୍ର ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରୁ ଓଡ଼ିଶା ଲେଖକ ସମବାୟ ସମିତିର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅଜୟ କୁମାର ମହାନ୍ତିଙ୍କ ସମ୍ପାଦନାରେ ତ୍ରୈମାସିକ ପତ୍ରିକା 'ଦିଗ୍‌ବଳୟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସଭ୍ୟ ରାମନାରାୟଣ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୨ ଅପ୍ରେଲ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24


## ତତ୍ତ୍ୱ ଓ ଅନୁଶୀଳନକୁ ଯୋଡ଼ିବା ପ୍ରୟାସ

# କିଟ୍ 'ଲ' ସ୍କୁଲ୍ ଛାତ୍ରଛାତ୍ରୀଙ୍କ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିଦର୍ଶନ

**ଭୁବନେଶ୍ୱର, ୨୧/୪ ନ୍ୟୁଜ ବ୍ୟୁରୋ**

ତତ୍ତ୍ୱ ଓ ଅନୁଶୀଳନ ମଧ୍ୟରେ ଥିବା ଦୂରତା ହ୍ରାସ ଦିଗରେ କିଟ୍ 'ଲ' ସ୍କୁଲ୍ ୮ମ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଗତ ୧୮ ତାରିଖରେ ଏକ ଶୈକ୍ଷିକ କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରାଧାପିକା ଡ. ତୁଳିଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏଭଳି କ୍ଷେତ୍ର ପରିଦର୍ଶନ ହେଉଛି ଏକ ଶୈକ୍ଷିକ ପରିବର୍ତ୍ତନର ପ୍ରୟାସ। ଏହି ଅବସରରେ ଛାତ୍ରଛାତ୍ରୀମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଆଇନ ପରାମର୍ଶଦାତା ଭାଗବତ ପ୍ରସାଦ ପାଙ୍ଗଯୋଶୀ ଓ ମୁଖ୍ୟଯନ୍ତ୍ରୀ ରବି ନାରାୟଣ ପୃଷ୍ଟିଙ୍କ ସହ ସାକ୍ଷାତ କରିବା ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଆଲୋଚନା ସମୟରେ ଛାତ୍ରଛାତ୍ରୀମାନେ ବିପଦଜନକ ବର୍ଜ୍ୟବସ୍ତୁ ଯୋଗୁଁ ହେଉଥିବା ପରିବେଶ ପ୍ରଦୂଷଣର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଡ. ପ୍ରଧାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରିଦର୍ଶନର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଭବିଷ୍ୟତର ଆଇନ୍ ପ୍ରଫେସନାଲଙ୍କୁ ତିଆରି କରିବା ଦିଗରେ ଏଭଳି କ୍ଷେତ୍ର ପରିଦର୍ଶନ ସୁଯୋଗ କିଭଳି ସହାୟକ ହେବ ସେ ସମ୍ପର୍କରେ କହିଥିଲେ। କିଟ୍ 'ଲ' ସ୍କୁଲ୍ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟରେ ଏହି ସହଯୋଗିତା ଦ୍ୱାରା ଆଇନ୍ ଛାତ୍ରଛାତ୍ରୀମାନେ ପରିବେଶ ଆଇନ୍ ଓ ଏହାର ପ୍ରୟୋଗ ପ୍ରକ୍ରିୟା ଜାଣିବା କ୍ଷେତ୍ରରେ ବିଶେଷ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧୁରୀ ମିଲୀ, ଡ. ମନିଷା ମିଶ୍ର ଓ ଡ. ଚିନ୍ମୟୀ ନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ସମ୍ପନ୍ନ : ଶ୍ରୀଜୀଉଙ୍କ ଲାଗି ବେଙ୍ଗାଲୁରୁରୁ ଆସିଲା ଦୟଣା

**ପୁରୀ, ୨୧/୦୪ ନ୍ୟୁଜ ବ୍ୟୁରୋ**

ରବିବାର ଶ୍ରୀମନ୍ଦିରରେ ସମ୍ପନ୍ନ ହୋଇଛି ମହାପ୍ରଭୁଙ୍କ ଦୟଣା ଚୋରି ନୀତି । ବାଙ୍ଗାଲୋରରୁ ଆସି ପହଞ୍ଚିଥିଲା ମହାପ୍ରଭୁଙ୍କ ଦୟଣା । ଓଡ଼ିଶା ଜଳବାୟୁରେ ଦୟଣା ଉତ୍ପାଦନ ହେଉ ନଥିବାରୁ ବାଙ୍ଗାଲୋରରୁ କିଛି ଓଡ଼ିଆ ଏହାକୁ ପଠାଇଛନ୍ତି । ପୂର୍ବରୁ ଦକ୍ଷିଣ ଭାରତରୁ ମହାପ୍ରଭୁଙ୍କ ପାଇଁ ଦୟଣା ଆସୁଥିବା ପରମ୍ପରା ରହିଛି । ଜଗନ୍ନାଥ ସଂସ୍କୃତି ଅନୁସାରେ ପ୍ରଭୁ ଜଗନ୍ନାଥ ରବିବାର ଜଗନ୍ନାଥ ବଲ୍ଲଭରେ ଦୟଣା ଚୋରି କରିଥିଲେ । ଦୟଣା ଓ ପୁଷ୍ପପ୍ରିୟ କାଳିଆ ସାଆନ୍ତଙ୍କ ଲାଗି ଏହି ନୀତି ପାଳନ ହୁଏ । ଜଗନ୍ନାଥ ବଲ୍ଲଭରୁ ଦୟଣା ଓ ସୁଗନ୍ଧିତ ପୁଷ୍ପ ଆଣି ଶ୍ରୀଜୀଉଙ୍କ ମସ୍ତକରେ ଲାଗି ହୋଇଛି। ସେପଟେ ଶ୍ରୀକ୍ଷେତ୍ରରେ ଜମୁଛି ସାହିଯାତ । ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ ପୁରୀ ମାର୍କଣ୍ଡେଶ୍ୱର ସାହି ତରଫରୁ ସମ୍ପନ୍ନ ହୋଇଛି ଶ୍ରୀରାମଙ୍କ ବନବାସ ନୀତି । ଜଗନ୍ନାଥ ବଲ୍ଲଭ ମଠ ପରିସରରେ ବନବାସ, କନ୍ଦର୍ପ ଓ ଅଧିବାସ ନୀତି ସମ୍ପନ୍ନ କରାଯାଇଥିଲା । ଆଜ୍ଞାମାଳ ପାଇ ରାମ, ଲକ୍ଷ୍ମଣ, ସୀତା ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ଜଗନ୍ନାଥ ବଲ୍ଲଭରେ ନୀତି ସମ୍ପନ୍ନ ପରେ ରାମ, ଲକ୍ଷ୍ମଣ ଓ ସୀତା ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅପରପକ୍ଷେ ପ୍ରତି ସନ୍ଧ୍ୟାରେ ମନ ମୋହୁଛି ବିଭିନ୍ନ ସାହିର ନାଗା ଆଖଡ଼ା। ସାହିଯାତ ହେଉଛି ପୁରୀର ପରିଚୟ । ଏହା ଶୌର୍ଯ୍ୟ ଓ ଭକ୍ତିର ଅନନ୍ୟ ଉଦାହରଣ । ଶ୍ରୀକ୍ଷେତ୍ରର ସାତ ସାହି ଆଖଡା ଏଥିପାଇଁ ପ୍ରସ୍ତୁତି କରିଥାଆନ୍ତି। ଶ୍ରୀରାମ ନବମୀଠାରୁ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେବା ପରେ ଆଜ୍ଞାମାଳ ପାଇଁ ରାମ ଓ ଲକ୍ଷ୍ମଣଙ୍କ ଚଳନ୍ତି ବିଗ୍ରହ, ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠ ଯାଇଥାଆନ୍ତି । ପୁରୀ ପାଲଟିଯାଏ ଅଯୋଧ୍ୟା ଓ ଲଙ୍କାର ମିଳନ ସ୍ଥଳ । ଶ୍ରୀରାମଙ୍କ ସହ ରାବଣ ମଧ୍ୟ ପୂଜା ପାଏ । ଲୋକକଳା, ଲୋକଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟରେ ଶ୍ରୀକ୍ଷେତ୍ର ଉଠେ ଆଉ ପଡ଼େ । ଲୀଳା ସମ୍ପନ୍ନ ପରେ ଚଳନ୍ତି ପ୍ରତିମା ପୁନଃ ଶ୍ରୀମନ୍ଦିରକୁ ବାହୁଡ଼ି ଯାଆନ୍ତି ।





ଭୁବନେଶ୍ୱର : ରାଜଧାନୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ। ପୂର୍ବାହ୍ନ ୧୧ଟା ପରେ ରାଜରାସ୍ତା ହୋଇଯାଉଛି ଶୂନଶାନ। (ଫଟୋ : ସମ୍ବାଦ କଳିକା)

# ବିଏସ୍‌କେୱାଇ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର : ପାଣ୍ଡିଆନ

**ଭୁବନେଶ୍ୱର, ୨୧/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟର ୧ ନମ୍ବର ଯୋଜନା ହେଉଛି ବିଏସକେୱାଇ । ଶ୍ରମିକ, ଚାଷୀ ଓ ଗରୀବଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପ୍ରଣୟନ କରିଛନ୍ତି । ବଡ଼ ବଡ଼ ହସପିଟାଲରେ ଚିକିତ୍ସା କରାଇବା ପାଇଁ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସାହସ ଦେଇଛନ୍ତି । ଏହି ଯୋଜନାରେ ପ୍ରତି ମାସରେ ୨୬୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଲକ୍ଷେ ୫୦ ହଜାର ପରିବାର ମାଗଣାରେ ଚିକିତ୍ସା ସେବା ପାଉଛନ୍ତି । ରାଜ୍ୟର ପାଖାପାଖି ୯୦ ପ୍ରତିଶତ ଲୋକ ଏହି ଯୋଜନାର ସୁଫଳ ପାଉଛନ୍ତି । ଏହି ଯୋଜନାକୁ ନେଇ ସମସ୍ତେ ଖୁସି ଅଛନ୍ତି । କିନ୍ତୁ ଲୋକଙ୍କ ଖୁସି ଦେଖିପାରୁନାହାନ୍ତି କେନ୍ଦ୍ରମନ୍ତ୍ରୀ। ସେ କ୍ଷମତାକୁ ଆସିଲାମାତ୍ରେ ପ୍ରଥମେ ବିଏସକେୱାଇ ଯୋଜନାକୁ ବନ୍ଦ କରିବେ । ନାଁ ନନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ମୁଖା ଖୋଲିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀ ବରାବର ଷଡ଼ଯନ୍ତ୍ର କରୁଛନ୍ତି । ସମ୍ବଲପୁର ଜିଲ୍ଲାର ବୁର୍ଲାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଜୁ ଶ୍ରମିକ ସାମୁଖ୍ୟ କନଭେନସନରେ ଏହା କହିଛନ୍ତି ପାଣ୍ଡିଆନ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ରଙ୍କ ଅପାରଗତାକୁ ବି ସାମ୍ନାକୁ ଆଣିଛନ୍ତି ପାଣ୍ଡିଆନ। ଓଡ଼ିଶାରେ ୯୮ ପ୍ରତିଶତ କଲେଜ ପିଲାଙ୍କୁ ନୂଆ-ଓ ସ୍କଲାରସିପ୍ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଦେବାରେ ଓଡ଼ିଶା ଭାରତ ବର୍ଷରେ ପ୍ରଥମ ଓ ଏକମାତ୍ର ରାଜ୍ୟ । ତେବେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର କେତେ ପିଲାଙ୍କୁ ବୃତ୍ତି ଦେଉଛନ୍ତି ବୋଲି ଜବାବ ମାଗିଛନ୍ତି ୫-ଟି ଅଧ୍ୟକ୍ଷ । ଶ୍ରମିକ, ଚାଷୀ ଓ ଗରୀବ ଘରର ପିଲାଙ୍କ ପଢ଼ିବା ପାଇଁ ଫିସ୍ ଦେବା, ବହି-ଖାତା କିଣିବା ଆଦି ବୋଝ ସେମାନଙ୍କ ବାପା ମା'ଙ୍କ ଉପରେ ନପଡୁ ବୋଲି ମୁଖ୍ୟମନ୍ତ୍ରୀ ଏହି ଯୋଜନା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଶ୍ରମିକ ପରିବାରର ପିଲାମାନେ ଉପକୃତ ହେଉଛନ୍ତି । କଲେଜରେ ପାଠ ପଢୁଥିବା ୯୮ ପ୍ରତିଶତ ପିଲା ଏହି ଯୋଜନାର ସୁଫଳ ପାଉଛନ୍ତି । ଶ୍ରମିକଙ୍କୁ ବିକାଶର ସାରଥୀ ଭାବେ ଗ୍ରହଣ କରି ସେମାନଙ୍କର ଉନ୍ନତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନ୍ତା କରୁଛନ୍ତି । ସେଥିପାଇଁ ନିକଟରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୧୦୦ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ । ବିଜୁବାବୁ ଏକଦା ଶ୍ରମିକଙ୍କ ସର୍ବନିମ୍ନ ପାରିଶ୍ରମିକ ଦୁଇଗୁଣା କରି ରେକର୍ଡ କରିଥିଲେ । ବିକାଶର ସାରଥୀ ହେଲେ ଶ୍ରମିକ । ସେମାନେ ଖୁସିରେ ରହିଲେ ବିକାଶ ଆହୁରି ସହଜ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ସଶକ୍ତ ଶ୍ରମିକ, ସଶକ୍ତ ଓଡ଼ିଶା । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଏକକାଳୀନ ୧୦୦ଟଙ୍କା ବୃଦ୍ଧି ପଛର ଘଟଣାବଳୀ ସମ୍ପର୍କରେ ସୂଚନା ଦେଇଥିଲେ ଶ୍ରୀ ପାଣ୍ଡିଆନ । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧିପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ସେଥିରେ ମୁଖ୍ୟମନ୍ତ୍ରୀ ସନ୍ତୁଷ୍ଟ ହୋଇନଥିଲେ । ନିଜେ ହସ୍ତକ୍ଷେପ କରି ଏକକାଳୀନ ୧୦୦ଟଙ୍କା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୃଦ୍ଧି ଯୋଗୁଁ ରାଜ୍ୟ ସରକାର ବାର୍ଷିକ ୪ହଜାର କୋଟି ଟଙ୍କାର ବୋଝ ମୁଣ୍ଡାଇବାକୁ ପଡିବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି ଏବଂ ସେମାନେ ହିଁ ନୂଆ ଓଡ଼ିଶାର ସାରଥୀ ବୋଲି ହୃଦୟଙ୍ଗମ କରିଥିବାରୁ ଏହି ବୋଝକୁ ଭୃକ୍ଷେପ କରିନଥିଲେ । ପୁଞ୍ଜି ଆଣିବା କ୍ଷେତ୍ରରେ ସମଗ୍ର ଦେଶରେ ମହାରାଷ୍ଟ୍ର ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା । ଶ୍ରମିକମାନଙ୍କ ସହଯୋଗ ଓ ସଂପୃକ୍ତି ରହିଲେ ଯାଇ ଏହି ପୁଞ୍ଜି ବିନିଯୋଗର ସୁଫଳ ରାଜ୍ୟକୁ ମିଳିବ । ସେଥିପାଇଁ ନୂଆ ଓଡ଼ିଶା ଗଠନ କ୍ଷେତ୍ରରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ଏଥିସହ ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ ସେ। କିଛି ଲୋକ ରାଜନୀତି ପାଇଁ ମିଛ କହି ମିଛ ପ୍ରଚାରରେ ବିଶ୍ୱାସ କରନ୍ତି । ହେଲେ ନବୀନ ସବୁବେଳେ କାମରେ ବିଶ୍ୱାସୀ । ସମସ୍ତେ ମିଳିମିଶି ନବୀନଙ୍କ ନେତୃତ୍ୱରେ ନୂଆ ଓଡ଼ିଶା ଗଠନ କରିବାକୁ ୫-ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଶ୍ରମିକଙ୍କ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯିବ । ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଏଥିପାଇଁ ଯଦି ପାଣ୍ଠିର ଅଭାବ ରହିଥିବ, ତା'ହେଲେ ରାଜ୍ୟ ବଜେଟରୁ ପାଣ୍ଠି ଯୋଗାଇଦିଆଯିବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ । ନିର୍ବାଚନ ପରିପ୍ରେକ୍ଷୀରେ ବିଜୁଜନତା ଦଳ ତା'ର ନିର୍ବାଚନୀ ଇସ୍ତାହାର ଆଣିବାକୁ ଯାଉଛି । ଶ୍ରମିକମାନେ ଯଦି କିଛି ପ୍ରସ୍ତାବ ଦିଅନ୍ତି ତା'ହେଲେ ତାକୁ ଇସ୍ତାହାରରେ ସ୍ଥାନିତ କରାଯିବ । ଇସ୍ତାହାରରେ ସ୍ଥାନ ପାଇଲେ ସରକାର କ୍ଷମତାକୁ ଆସିବା ମାତ୍ରେ ଅର୍ଥାତ ପ୍ରଥମ କ୍ୟାବିନେଟରେ ହିଁ ତାକୁ ଅନୁମୋଦନ ମିଳିବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ । ନବୀନ ସରକାର ଲୋକଙ୍କର, ସବୁବେଳେ ଲୋକଙ୍କ ପାଇଁ ହିଁ ଚିନ୍ତା କରିବ ବୋଲି ଶ୍ରୀ ପାଣ୍ଡିଆନ ପ୍ରତିଶୃତି ଦେଇଛନ୍ତି ।






## ଶ୍ରୀମନ୍ଦିରରେ ପଡ଼ିଲା ରକ୍ତ ଛିଟା : ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

**ପୁରୀ, ୨୧/୪ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ । ଚାଙ୍ଗଡ଼ା ଦ୍ୱାରରୁ ବେହେରଣ ଦ୍ୱାର ପର୍ଯ୍ୟନ୍ତ ରକ୍ତ ଛିଟା ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି । ରବିବାର ଭୋର ୫ଟା ୪୦ରେ ଦ୍ୱାର ଫିଟିଥିଲା । ସକାଳ ୬ଟା ୨୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ଏହି ସମୟରେ ଚାଙ୍ଗଡ଼ା ଦ୍ୱାରରୁ ବେହେରଣ ଦ୍ୱାର ପର୍ଯ୍ୟନ୍ତ ରକ୍ତ ଛିଟା ପଡିଥିବା ଦେଖିବାକୁ ମିଳିଥିଲା ।

## ମହିଳା ମାଓବାଦୀଙ୍କୁ ଗିରଫ କଲା ଛତିଶଗଡ ପୁଲିସ

**ରାଇଘର ୨୧/୪ ନ୍ୟୁଜ ବ୍ୟୁରୋ**

ଛତିଶଗଡ-ଓଡ଼ିଶା ସୀମାରେ ନକ୍ସଲ କାର୍ଯ୍ୟକଳାପକୁ ରୋକିବା ପାଇଁ ନବରଙ୍ଗପୁର ପୁଲିସ ଚଲାଇଥିବା ଏକ ସ୍ୱତନ୍ତ୍ର ନକ୍ସଲ ଦମନ ସର୍ଚ୍ଚ ଅପରେସନ ବେଳେ ଛତିଶଗଡର ଏକରୀ ଗ୍ରାମରେ ଏକ ଘରୁ ଜଣେ ଆହତ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ଏନେଇ ନବରଙ୍ଗପୁର ପୋଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି । ଗିରଫ ମାଓବାଦୀ ହେଉଛି ମାଙ୍ଗନୁରେଟି ଅରଫ ସିନ୍ଧୁ (୨୫) । ଛତିଶଗଡ଼ ଧମତେରୀ ଜିଲ୍ଲା ଅନ୍ତର୍ଗତ ଖଲାରୀ ଥାନା ଏକୱାରୀ ଗ୍ରାମରେ ଲୁଚି ରହିଥିବା ବେଳେ ସିନ୍ଧୁକୁ ଗିରଫ କରିଥିଲା ପୋଲିସ । ଖଲାରୀ ଥାନା ଏକୱାରୀ ଗ୍ରାମରେ ମହିଳା ମାଓବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା । ଏହାପରେ ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ମାଓ ଦମନ ଅଭିଯାନ ଆରମ୍ଭ ହୋଇଥିଲା । ଡିଆଇଓସି ଅଧିକାରୀ, ଡିଭିଏଫ୍, ଏସଓଜି, ସିଆରପିଏଫ୍ ଏବଂ ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ମିଳିତ ଭାବେ ଅପରେସନ ହୋଇଥିଲା । ନିର୍ବାଚନ ପୂର୍ବରୁ ମାଓବାଦୀ ହାମଲା ନେଇ ଏମାନେ ବଡ ଷଡଯନ୍ତ୍ର ରଚୁଥିବା ସୂଚନା ମିଳିଥିଲା ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିଜେଡିର ମିଶ୍ରଣ ପର୍ବ : ଶଙ୍ଖ ଫୁଙ୍କିଲେ ବହୁ ବିଜେପି ନେତା ଓ କର୍ମୀ




**ଭୁବନେଶ୍ୱର, ୨୧/୪ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜେପି ନେତା ଓ କର୍ମୀ ରବିବାର ଶଙ୍ଖ ଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତା ଓ କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର (ଉତ୍ତର)ରେ ବଢ଼ିଲା ବିଜେଡିର ଶକ୍ତି । ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି ଶତାଧିକ ନେତା ଓ କର୍ମୀ । ଉତ୍ତର ନିର୍ବାଚନ ମଣ୍ଡଳୀର ବିଭିନ୍ନ ୱାର୍ଡର ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ବିଧାୟକ ସୁକାନ୍ତ ରାଉତଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ ବିଜେପି ନେତା ଓ କର୍ମୀ । ସାଂସଦ ସସ୍ମିତ ପାତ୍ର ନୂଆ ଅତିଥୀଙ୍କୁ ବିଜେଡିକୁ ସ୍ୱାଗତ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋଇସିଂହାରେ ଶତାଧିକ ନୂତନ ଭୋଟର ସହ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ମିଶିଥିଲେ । ତାଙ୍କୁ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

# ଅଟୋ ଉପରେ ଚଢିଗଲା ଟ୍ରକ : ୩ ମୃତ, ୫ ଗୁରୁତର



**ରାଇଘର, ୨୧/୦୪ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର କୁନ୍ଦେଇ ମୁଖ୍ୟରାସ୍ତାର ଜୋଡ଼ିଙ୍ଗା ନିକଟରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ସହ ଯାତ୍ରୀବାହୀ ଅଟୋର ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଟୋ ଡ୍ରାଇଭର ସମେତ ୫ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଜୋଡ଼ିଙ୍ଗା ମେଡିକାଲ୍ ଓ ଉମରକୋଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରୁ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି। ସେମାନେ ସମସ୍ତେ ଛତିଶଗଡ଼ ଅନ୍ତର୍ଗତ ବୋରେଇ ଓ ନଗରୀ ଥାନା ଅଞ୍ଚଳର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଛତିଶଗଡ଼ ଅଞ୍ଚଳରୁ କିଛି ଲୋକ ଏକ ଅଟୋ ଯୋଗେ ବୋରେଇ ଠାରୁ ରାଇଘର ଧଡ୍ରାପାରାକୁ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିଲେ। ଅପରାହ୍ନ ପ୍ରାୟ ୩ଟା ସମୟରେ ଜୋଡ଼ିଙ୍ଗା ନିକଟରେ ବିପରିତ ଦିଗରୁ ଏକ ଟ୍ରକ୍ ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ହେବା ଫଳରେ ଅଟୋଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇ ଯାଇଥିଲା। ଏଥିରେ ବସିଥିବା ମୋଟ ୧୦ ଜଣ ଯାତ୍ରୀଙ୍କ ମଧ୍ୟରୁ ଛତିଶଗଡ଼ ଅନ୍ତର୍ଗତ ନଗରୀ ଥାନା ଅଞ୍ଚଳର ଚନ୍ଦା ଗାୟକୱାଡ଼ (୪୫) ଏବଂ ବୋରେଇ ଥାନା ଅଞ୍ଚଳର ପବନ ଟଣ୍ଡନ୍ (୩୦) ଓ ପୁନମ୍ ବୈଷ୍ଣବ (୧୭)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅଟୋ ଡ୍ରାଇଭର ସମେତ ଆଉ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନିକଟସ୍ଥ ଜୋଡ଼ିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ ଉମରକୋଟ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଚିକିତ୍ସାଧିକାରୀ ଡଃ ଦଶରଥ ନାଗ ପ୍ରକାଶ କରିଛନ୍ତି। ଅନ୍ୟପଟେ ଖବର ପାଇ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛନ୍ତି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ରାଜଧାନୀରେ ଥଣ୍ଡା ପାନୀୟ, ରାସ୍ତାକଡ଼ ଖାଦ୍ୟର ଯାଞ୍ଚ ନାହିଁ

**ଭୁବନେଶ୍ୱର, ୨୧।୪ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ତାପମାତ୍ରା ୪୩ ଡିଗ୍ରୀ ପାର ହୋଇଥିବାବେଳେ ମନ ଖୋଜୁଛି ଥଣ୍ଡା ପାନୀୟ। ଖରାରେ ପାଣି ଅପେକ୍ଷା ଲସି, ସରବତ, ଫଳଜୁସ୍, ଆଖୁରସ, ଚୁସ୍‌କି/ଗୋଲା ଆଦିର ବେଶି ଚାହିଦା ରହୁଥିବାରୁ ସହରର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ସବୁଆଡ଼େ ଲସି/ଜୁସ୍ ସେଣ୍ଟର ଖୋଲିଛି। ତା' ସାଙ୍ଗକୁ ଛକଛକରେ ଆଖୁରସ, ଚୁସ୍‌କି ବିକ୍ରି ହେଉଛି। ଛତୁ ଫୁଟିବା ଭଳି ଏବେ ସହରରେ ଥଣ୍ଡା ପାନୀୟ ବିକ୍ରି ହେଉଥିବାବେଳେ ଏହାର କ୍ୱାଲିଟି ବା ଗୁଣବତ୍ତା ଉପରେ କେହି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଲୋକଙ୍କ ଚାହିଦାର ସୁଯୋଗ ଉଠାଇ କେତେଜଣ ଅସାଧୁ ବ୍ୟବସାୟୀ ଶସ୍ତା ସାମଗ୍ରୀ ବ୍ୟବହାର କରୁଛନ୍ତି। ଫଳରସରେ ଅଧିକାଂଶ ସମୟରେ ପଚା ଫଳ ବ୍ୟବହାର କରାଯାଉଥିବାବେଳେ ଲସି ଏବଂ ଅନ୍ୟାନ୍ୟ ଥଣ୍ଡା ପାନୀୟରେ ବ୍ୟବହୃତ ହେଉଥିବା ବରଫ ଖରାପ ପାଣିରେ ତିଆରି ହେଉଥିବାବେଳେ ଅପରିଷ୍କାର ପରିବେଶରେ ରଖାଯାଉଥିବା ଦେଖାଯାଇଛି। ସେହିପରି ଆଖୁରୁ ଯେପରି ଅଧିକ ରସ ବାହାରିବ ସେଥିପାଇଁ ତାକୁ ବିଭିନ୍ନ ନାଳପାଣିରେ ପକାଇ ଭିଜାଇ ରଖାଯାଉଛି। ଅତୀତରେ ରାଜଧାନୀରେ ଅପମିଶ୍ରିତ ଥଣ୍ଡାପାନୀୟ କାରଖାନା ମଧ୍ୟ ଠାବ କରାଯାଇଛି। ମାତ୍ର ଏତେ ପରେ ବି ସହରରେ ମାଳମାଳ ହୋଇ ଖୋଲିଥିବା ଏହି ଦୋକାନଗୁଡିକ ଉପରେ ବିଏମ୍‌ସି କୌଣସି ନଜର ଦେଉନାହିଁ। ଥଣ୍ଡାପାନୀୟର ଗୁଣବତ୍ତାକୁ ଠିକ୍ ଭାବେ ଯାଞ୍ଚ କରାଯାଉନାହିଁ। କେବଳ ସେତିକି ନୁହେଁ, ସହରରେ ଏଭଳି କେତେ ଫଳରସ, ଲସି, ଜୁସ୍ ସେଣ୍ଟର ଖୋଲିଛି ତାହାର ତାଲିକା ମଧ୍ୟ ବିଏମ୍‌ସି ପାଖରେ ନାହିଁ। କାରଣ ଅଧିକାଂଶ ବ୍ୟବସାୟୀ ବିଏମ୍‌ସିରେ ଏନେଇ ରେଜିଷ୍ଟ୍ରେଶନ କରିନାହାନ୍ତି। ସେହିପରି ଖରା ପାଇଁ ଅଧିକାଂଶ ଲୋକେ ଦିନରେ ଘରେ ରହୁଥିବାବେଳେ ସନ୍ଧ୍ୟାରେ ବାହାରକୁ ବାହାରୁଛନ୍ତି। ରାସ୍ତାକଡ଼ରେ ଭିଡ଼ ଲଗାଇ ଖିଆପିଆ କରୁଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ବାସି ଓ ନଷ୍ଟ ଖାଦ୍ୟକୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ହେଲେ ରାସ୍ତାକଡ଼ରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଜଳଖିଆ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରାଯାଉନାହିଁ। ଖରାଦିନେ ସାଧାରଣତଃ ଖାଦ୍ୟଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଇ ଥାଏ। କେତେଜଣ ଅସାଧୁ ବ୍ୟବସାୟୀ ଏହାକୁ ଖାତିର ନ କରି ଗ୍ରାହକଙ୍କୁ ସେହି ଖରାପ ହୋଇଥିବା ଖାଦ୍ୟ ପରଷିଥାନ୍ତି, ଯାହାକୁ ଖାଇ ପରେ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ଏହା ଉପରେ ମଧ୍ୟ ବିଏମ୍‌ସିର ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ତେବେ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ସହରରେ ଥିବା ପ୍ରାୟ ସମସ୍ତ ଲସି, ଜୁସ୍ ସେଣ୍ଟରଗୁଡିକୁ ଯାଞ୍ଚ କରାଯାଉଛି। ଯେଉଁଠାରେ କିଛି ସନ୍ଦେହ ହେଉଛି ତାହାର ମାନ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାରକୁ ସାମ୍ପୁଲ ପଠାଯାଉଛି। ବର୍ତ୍ତମାନ ସୁଦ୍ଧା ସବୁ ଠିକ୍ ଅଛି। ଆଗାମୀ ଦିନରେ ନିୟମିତ ଭାବେ ଚେକ୍‌ଅପ୍ କରାଯିବ। ଯେଉଁମାନେ ରେଜଷ୍ଟ୍ରେଶନ କରିନାହାନ୍ତି, ତୁରନ୍ତ ରେଜିଷ୍ଟ୍ରେଶନ କରିବାକୁ ତାଗିଦ କରାଯାଉଛି। ଆବଶ୍ୟକ ପଡିଲେ ଜରିମାନା ମଧ୍ୟ କରାଯାଉଛି। ପାଣି ବୋତଲର ଗୁଣବତ୍ତା ଯାଞ୍ଚ କରିବା ସହ ପରିଷ୍କାର ପରିଚ୍ଛନ୍ନତାର ସହ ଆଖୁରସ ପ୍ରଦାନ କରିବା ପାଇଁ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।



## ଜିଲ୍ଲା ପରିଷଦଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯ କୋଟି ଗାଏବ

**ମୟୂରଭଞ୍ଜ, ୨୧।୪ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଥିବା ଜିଲ୍ଲା ପରିଷଦଙ୍କ ଆକାଉଣ୍ଟରୁ ୯ କୋଟିରୁ ଅଧିକ ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରା ଭଞ୍ଜପୁର ପୋଲିସ ନିକଟରେ ଏଫଆଇଆର ଦାଖଲ କରାଯାଇ ମାମଲାର ତଦନ୍ତ କରିବାକୁ କୁହାଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆ ଅଧିକାରୀ କହିଛନ୍ତି ଯେ ଜିଲ୍ଲାର ବିକାଶ କାର୍ଯ୍ୟ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଠାରୁ ୯.୬ କୋଟି ଟଙ୍କା ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଏପ୍ରିଲ ୧୦ ରୁ ୧୧ ମଧ୍ୟରେ ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଟଙ୍କା ଉଠାଯାଇଥିଲା। ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ସେମାନେ ଏହି ବିଷୟରେ ଜାଣିଥିଲେ ଏବଂ ସେମାନେ ଏନେଇ ତୁରନ୍ତ ଏଫଆଇଆର ଦାଖଲ କରିଛନ୍ତି। ଇକୋନୋମିକ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ) ଏହାର ଅନୁସନ୍ଧାନ କରୁଛି ଏବଂ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛି।